## ସଂକ୍ଷେପରେ

### ବିଶ୍ୱ ଜଳ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୨୨।୩(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜରିଆ ବଳଦେବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ଅନ୍ତର୍ଗତ କୁସୁନପୁର ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଜଳ ଦିବସ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷାଧିକାରୀ ଅଶୋକ କୁମାର ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଆମ ଜୀବନରେ ଜଳର ଗୁରୁତ୍ୱ ପ୍ରତି ସଚେତନ କରିଥିଲେ । ଜଳର ଉପଯୁକ୍ତ ବ୍ୟବହାର ଦିଗରେ ସମସ୍ତଙ୍କୁ ପ୍ରତିବଦ୍ଧ ହେବାକୁ ପଡ଼ିବ। ନିଜର ବ୍ୟବହାରରେ ଆବଶ୍ୟକ ପରିବର୍ତ୍ତନ ଆଣି ପାରିଲେ ଆମେ ଜଳଜନିତ ସମସ୍ୟାର ମୁକାବିଲା କରିପାରିବା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସିଆରସିସି ଅନ୍ତର୍ଯ୍ୟାମୀ ବେଜ ଯୋଗ ଦେଇ ଜଳ ହିଁ ଜୀବନ। ଜଳର ସୁରକ୍ଷାର ଅର୍ଥ ଆମର ସୁରକ୍ଷା। ଏଥିପାଇଁ ବ୍ୟବହାରିକ ତଥା ସାମାଜିକସ୍ତରରେ ସାମୂହିକ ପ୍ରୟାସ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ । ସେହିପରି ବଡଜରିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବେହେରା ସଭାପତିତ୍ୱ କରିଥିଲେ । ସହକାରୀ ଶିକ୍ଷାଧିକାରୀ ପରିଡା ଓ ସିଆରସିସି ବେଜ୍ ଜଳଦିବସ ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ଆଲୋକପାତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ ।

### ଶିକ୍ଷକମାନେ ଶହୀଦ ସଚ୍ଚିଦାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ



ରାଜକନିକା,୨୨।୩ (ଡି.ଏନ.ଏ.): ରାଜକନିକା ବ୍ଲକର କଣ୍ଡିଆ ସଚ୍ଚିଦାନନ୍ଦ ସ୍ମୃତି ସ୍ତମ୍ଭରେ ବୁଧବାର କାନପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭଜ ଗୋବିନ୍ଦ ପରିଡାଙ୍କ ସହ ଅନ୍ୟ ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରଧାନ ଶିକ୍ଷକ ପରିଡା କହିଥିଲେ, ୧୯୯୯ ଜୁନ ମାସରେ କାରଗିଲ ପାହାଡ଼ରେ ଲାଏନ ସୁବନାୟକ ସଚ୍ଚିଦାନନ୍ଦ ୧୨ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରି ସମଗ୍ର ଭାରତ ବର୍ଷରେ ଚହଳ ସୃଷ୍ଟି କରିଥିଲେ। ତାଙ୍କର ଶେଷ ଚିତା ଏହିଠାରେ ଜଳିଥିଲା। ଏହା ଏକ ସୁନ୍ଦର ପାର୍କରେ ପରିଣତ ହୋଇଛି। କନପୁର ହାଇସ୍କୁଲ ଛାତ୍ରୀଛାତ୍ରମାନେ ସ୍ମୃତି ସ୍ତମ୍ଭ ବୁଲି ଦେଖିବା ସହ ଦେଶପ୍ରେମ ଶିକ୍ଷା କରି ପରିବେ ବୋଲି କହିଥିଲେ। ଏଠାରେ ଛାତ୍ରୀଛାତ୍ରମାନେ ବଣଭୋଜି କରି ମଜା ନେଇଥିଲେ। ଏଠାରେ ହିନ୍ଦି ଶିକ୍ଷକ ମଦନ ମୋହନ କୁଣ୍ଡୁ, ନିରୋଦ କୁମାର ରାଉତ, ଅକ୍ଷୟ କୁମାର ବାରିକ, ପ୍ରତାପ କୁମାର ମହାପାତ୍ର, ଭଜରାମ ସେଠୀ, ବାଇଧର ବାରିକ, ରବୀନ୍ଦ୍ର କୁମାର ପଲାଇ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ସ୍ମୃତ ସ୍ତମ୍ଭ ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ଓ ଶହୀଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ସ୍ମୃତି ସ୍ତମ୍ଭରେ ଫୁଲହାର ଦେଇ ଶିକ୍ଷକମାନଙ୍କ ସମେତ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କାମ ନ କରି ୨.୨୬ ଲକ୍ଷ ଟଙ୍କା ଉଠାଣ

- ଜାଲ୍ ମଷ୍ଟରରୋଲରେ କାର୍ଯ୍ୟଦିବସ ସୃଷ୍ଟି
- କୋରେଇ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି
- ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ




କୋରେଇ,୨୨।୩(ଡି.ଏନ.ଏ.)

ଯାଜପୁର ଜିଲା କୋରେଇ ବ୍ଲକରେ ଗରିବ ଶ୍ରମିକ ପରିବାରମାନଙ୍କ ପାଇଁ ଉଦ୍ଦିଷ୍ଟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଠିକାଦାରଙ୍କ ହରିଲୁଟ୍‌ର ଏକ ମାଧ୍ୟମ ହୋଇଛି। ଏହି ବ୍ଲକ ଅଧୀନ ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମରେ ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଏହି ଗ୍ରାମର ଖେଳପଡ଼ିଆ ଉନ୍ନତି ନିମନ୍ତେ ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଯାହାର କୋର୍ଡ ନଂ. ୨୪୨୦୦୦୮/ଏଲଡ଼ି/୧୦୬୯୩୦୯୧ ରହିଥିବାବେଳେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ସମ୍ପର୍କରେ କାମ ହେଉଥିବା ସ୍ଥାନରେ ଲାଗିଥିବା ଫଳକରେ କୌଣସି ସୂଚନା ନାହିଁ। ବିଡମ୍ବନାର ବିଷୟ ଯେ, ଦାୟିତ୍ୱରେ ଥିବା ଠିକାଦାର ପଡ଼ିଆର ଅଗ୍ରଗତି ନିମନ୍ତେ କୌଣସି ପଦକ୍ଷେପ ନେଇ ନାହାନ୍ତି । କେବଳ ଗୋଟିଏ ସୂଚନା ଫଳକ ଲଗାଇ ୨ଟ୍ରିପ ବାଲି ଠୁଳ କରିଛନ୍ତି । ଅନ୍ୟ କୌଣସି କାମ ନ କରି କନିଷ୍ଠ ଯନ୍ତ୍ରୀଙ୍କ ସହଯୋଗରେ ଆବଣ୍ଟିତ ଅର୍ଥରାଶି ହରିଲୁଟ କରିବାକୁ ମସୁଧା କରିଛନ୍ତି। ଏହି କ୍ରମରେ ୧୮ଟି ଜାଲ ମଷ୍ଟରରୋଲ ପ୍ରସ୍ତୁତ କରି ଗ୍ରାମର ବଳରାମ ସ୍ୱାଇଁ, ଇନ୍ଦ୍ରମଣି ଦାସ, ଟିମା ବେହେରା, ରବି ନାୟକ, ଫୁଲ ନାୟକ, ବିଜୟ ଦାସ, କୁଳମଣି ହାତୀ, ଦମୟନ୍ତୀ ମୁଦୁଲି, ନାଲୁ ମୁଦୁଲି, ପ୍ରଶାନ୍ତ ବେହେରା, ନୃସିଂହ ଧଳ, ଅଞ୍ଜଳି ନାୟକ, ହଳଧର ଜେନା, ସୁକାନ୍ତ ବଲ୍ଲଭ ସ୍ୱାଇଁ, ଅକ୍ଷୟ କୁମାର ବାରିକ ପ୍ରମୁଖ ୧୦ରୁ ଊର୍ଦ୍ଧ୍ୱ ପରିବାର ସଦସ୍ୟଙ୍କ ନାମରେ ଦୈନିକ ମଜୁରୀ ମୁଣ୍ଡପିଛା ୨୨୨ ହିସାବରେ ୬ ଦିନର କାର୍ଯ୍ୟ ଦିବସ ଦର୍ଶାଇ ୧୩୩୨ ଟଙ୍କା ଲେଖାଏଁ ଅର୍ଥ ଉଠାଇଛନ୍ତି । ଏଥିରେ ସମୁଦାୟ ୧୭୫ ଜଣ ସଦସ୍ୟଙ୍କ ନାମରେ ୧୦୨୦ ଦିନର କାର୍ଯ୍ୟ ଦିବସ ଦର୍ଶାଇ ଲେବର ପେମେଣ୍ଟ ତଥା ଦୈନିକ ମଜୁରୀ ବାବଦରେ ୨ ଲକ୍ଷ ୨୭ ହଜାର ଟଙ୍କାର ଅର୍ଥରାଶି ଉଠାଇ ନେଇଛନ୍ତି । ଏଥିସହିତ କାମ ଚାଲୁଥିବା ଦର୍ଶାଇ ଅନ୍ୟ ବିଲଗୁଡ଼ିକ ମଧ୍ୟ ଚାଲୁ ରହିଛି । ଏହି କାର୍ଯ୍ୟର ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି । ଗୋଟିଏ ସୂଚନା ଫଳକ ଓ ୨ ଟ୍ରିପ ବାଲିକୁ ଛାଡିଦେଲେ ଏହି ଖେଳ ପଡ଼ିଆରେ କୌଣସି ଉନ୍ନତି କାମ ହୋଇ ନାହିଁ। ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ଏବଂ ପିଇଓ କେଉଁ ଆଧାରରେ ବିଲ ପ୍ରେରିତ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଗୋଚରରେ କେତେଜଣ ଦୁର୍ନୀତିଖୋର ଅଫିସର ଏପରି ଦୁର୍ନୀତି କରି ମୋଟା ଅଙ୍କର ମୁନାଫା ନେଉଥିବା ଚର୍ଚ୍ଚା ହେଉଥିବା ବେଳେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏଭଳିସ୍ଥିତିରେ ବିଡ଼ିଓଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ହେମଲତା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଖେଳ ପଡ଼ିଆରେ ମାଟି ପଡିଛି। କାମ ଅନୁଯାୟୀ ମଷ୍ଟରରୋଲ ତିଆରି ହୋଇଛି ଏବଂ ଆବଶ୍ୟକ ବିଲ କରାଯାଇଛି ବୋଲି ସେ କହିଛନ୍ତି। ତେବେ ଏହି ଉତ୍ତର ସନ୍ତୋଷଜନକ ହୋଇ ନ ଥିବାବେଳେ ଏହାର ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ ହେଲେ ବାସ୍ତବ ସତ୍ୟ ପଦାକୁ ଆସିବ ବୋଲି ଗ୍ରାମବାସୀ କହିଛନ୍ତି ।

## ଜୟରାଷ୍ଟ୍ର ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ



କେନ୍ଦ୍ରାପଡ଼ା ଅଫିସ, ୨୨।୩

କେନ୍ଦ୍ରାପଡ଼ା ଜିଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟରାଷ୍ଟ୍ର ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ ଓ ହିନ୍ଦୁ ନବବର୍ଷ ବୁଧବାର ପାଳନ କରାଯାଇଛି। ଅନୁଷ୍ଠାନର ଆବାହକ ମାତୃଦତ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ବ୍ଲକ କୋରୋ ଗ୍ରାମର ଜଗନ୍ନାଥ ମନ୍ଦିରରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ପତିତପାବନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏଠାରେ ରାଷ୍ଟ୍ର ମଙ୍ଗଳ ହୋମ ଯଜ୍ଞ, ଧ୍ୱଜା ପୂଜନ, ଗୋମାତା ପୂଜନ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମଳୟ କୁମାର ସାହୁ, ସୀତାକାନ୍ତ ଜେନା, ଡା. ରାଜେନ୍ଦ୍ର କୁମାର ବରାଳ, ଡା. ବୀରେନ୍ଦ୍ର କୁମାର ଦାଶ, ପ୍ରବୋଧ କୁମାର ପଣ୍ଡା, ସରୋଜକାନ୍ତ ଜେନା, ପ୍ରଦ୍ୟୁମ୍ନ ବେହେରା, ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ହିନ୍ଦୁ ନବବର୍ଷ ଓ ସୃଷ୍ଟି ଆରମ୍ଭ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ସମ୍ପ୍ରତି ପାଶ୍ଚାତ୍ୟ ସଂସ୍କୃତି ମୋହରେ ଭାରତୀୟ ଯୁବବର୍ଗ ପଡ଼ିଛନ୍ତି। ଏଥିପାଇଁ ହିନ୍ଦୁ ଧର୍ମର ବହୁ ପରୀକ୍ଷିତ ବୈଜ୍ଞାନିକ ବିଶ୍ଳେଷଣକୁ ଭୁଲି ଅନ୍ଧ ବିଶ୍ୱାସ କହି ଏଡ଼ାଇ ଚାଲିଛନ୍ତି। ମୃତକ ସଂସ୍କାରରେ ପରିବେଶ ପ୍ରତି ଅନୁରକ୍ତିଠାରୁ ଆରମ୍ଭ କରି ସାଧାରଣରେ ଉପବାସକୁ ଏବେ ସାମ୍ପ୍ରତିକ ସମୟର ବୈଜ୍ଞାନିକମାନେ ଏହାର ଯଥାର୍ଥତା ଉପଲବ୍ଧି କଲେଣି। କୋରୋ ଜଗନ୍ନାଥ ମନ୍ଦିର ପରିଚଳନା କମିଟି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆର୍‌କେ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ କୃତୀ ଛାତ୍ରୀଛାତ୍ର।

ବାଲିଚନ୍ଦ୍ରପୁର,୨୨।୩(ସ୍ୱ.ପ୍ର.)

ଖାଲି ବହି ମାଧ୍ୟମରେ ପାଠପଢ଼ିଲେ ଶିକ୍ଷା ପୂର୍ଣ୍ଣାଙ୍ଗ ହୁଏନାହିଁ। ବହି ଭିତରେ ଶିକ୍ଷା ସୀମିତ ନୁହେଁ। ଶିକ୍ଷା ପ୍ରତିଜାଗାରେ ଅଛି। ଆମେ ଚାଲିଲେ, ବସିଲେ, ଉଠିଲେ, ଚାହିଁଲେ, କଥା କହିଲେ, ଲୋକଙ୍କ ସାଙ୍ଗରେ ମିଶିଲେ ପ୍ରତ୍ୟେକ ମୁହୂର୍ତ୍ତରେ ଜୀବନର ଶେଷ ପର୍ଯ୍ୟନ୍ତ ଆମକୁ ଶିଖିବାର ଅଛି। ପିଲାଙ୍କୁ ଗଢ଼ିତୋଳିବାରେ ୩ ଜଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ହେଲେ ଅନୁଷ୍ଠାନର ପ୍ରତିଷ୍ଠାତା, ଶିକ୍ଷୟିତ୍ରୀଶିକ୍ଷକ ଓ ମାତାପିତା। ଇଂଲିଶ ଏକ ମାତ୍ର ଭାଷା ଯେଉଁ ଭାଷା ରାଜ୍ୟ, ଦେଶ ବା ବିଦେଶ ସବୁଠାରେ ଆବଶ୍ୟକ। ତେଣୁ ପିଲାଙ୍କୁ ଇଂଲିଶ ଭାଷାରେ ଉଚ୍ଚ ଶିକ୍ଷା ଲାଭ କରିବା ଆବଶ୍ୟକ ବୋଲି ବଡ଼ଚଣା ବ୍ଲକ ପଲାଇରେ ଅନୁଷ୍ଠିତ ଆର୍‌କେ ପବ୍ଲିକ ସ୍କୁଲ ଷଷ୍ଠ ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସ୍କୁଲ୍ ପ୍ରିନ୍ସିପାଲ ଲକି ମହାନ୍ତିଙ୍କ ଅଧ୍ୟକ୍ଷତା ଓ ସମାଜିକ କର୍ମୀ ଅଶୋକ ସାମଲଙ୍କ ସଂଚାଳନାରେ ଏହି ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅତିରିକ୍ତ ରାଜସ୍ୱ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ନନ୍ଦକିଶୋର ପରିଡ଼ା, ସମ୍ମାନିତ ଅତିଥି ବାବାଭୈରବାନନ୍ଦ ମହାବିଦ୍ୟାଳୟ ଇଂଲିଶ ବିଭାଗ ପ୍ରାଧ୍ୟାପକ ଡ. ଯତୀନ୍ଦ୍ର କୁମାର ରାଉତ, ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ସୁଶାନ୍ତ କୁମାର ଦାସ, ସୁବ୍ରତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରତିଷ୍ଠାରେ ପ୍ରେରଣା ଯୋଗାଇଥିବା ସ୍ଥାନୀୟ ଅଞ୍ଚଳର ବିକ୍ରମ କେଶରୀ ପ୍ରଧାନ, ଦୀପକ କୁମାର ମହାନ୍ତି ଏବଂ ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍‌ର ସମ୍ପାଦକ ଚୀରକୁମାର ରମେଶ ଚନ୍ଦ୍ର ପୃଷ୍ଟିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଜଳସଙ୍କଟ କାରଣ, ନିରାକରଣ ଶୀର୍ଷକ ଆଲୋଚନାଚକ୍ର

ଚଣ୍ଡିଖୋଲ,୨୨।୩(ଡି.ଏନ୍.ଏ.)

ଚଣ୍ଡିଖୋଲ ନିକଟ ସୁଙ୍ଗୁଡ଼ା ସରସ୍ୱତୀ ଶିଶୁମନ୍ଦିରରେ ଉଦୀୟମାନ ସଙ୍ଗଠନ ପକ୍ଷରୁ ଜଳ ସଙ୍କଟ କାରଣ ଓ ନିରାକରଣ ଶୀର୍ଷକ ଆଲୋଚନାଚକ୍ର ବୁଧବାର ବିଶ୍ୱ ଜଳ ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦିକା ଅରୁଣା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥି ଭାବେ ଡ.ସନ୍ତୋଷ କୁମାର ମହାପାତ୍ର, ଆଇନଜୀବୀ ସବିତା ମିଶ୍ର, ସନ୍ଧ୍ୟା ରାଣୀ ବ୍ରହ୍ମ ପ୍ରମୁଖ ଯୋଗଦେଇଥିଲେ। ଜଳ ବ୍ୟବହାର କିପରି ଖୁବ୍ କମ ପରିମାଣରେ ହେବ ଏବଂ ସଂରକ୍ଷଣ ନେଇ ସମସ୍ତେ ଯତ୍ନବାନ କିପରି ହେବେ ସେନେଇ ସେମାନେ ଆଲୋଚନା କରିଥିଲେ। ଏଥିସହ ଆଗାମୀ ଦିନରେ ଜଳ ସଙ୍କଟ କିପରି ସମସ୍ୟା ସୃଷ୍ଟି କରିବ ସେଥିପାଇଁ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଶିଶୁମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଅଂଶ ଗ୍ରହଣ କରିଥିଲେ। ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ସିଂହପୁର,୨୨।୩(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚ ସଭାପତି ପଦ୍ମନାଭ ଦାଶଙ୍କ ସ୍ତ୍ରୀ ସିନ୍ଧୁମତୀ ଦାଶଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ତଥା ସ୍ନେହୀ ମହିଳା ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ରାଜକନିକା,୨୨।୩ (ଡି.ଏନ.ଏ.)

ରାଜକନିକା ଥାନା ଅନ୍ତର୍ଗତ ପଣଷଗଣ୍ଡ ଗାଁର ଜଣେ ନାବଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପଣଷଗଣ୍ଡ ଗାଁର କାଳିନ୍ଦୀ ମଳିକ (୪୦)। ସେହି ଗାଁର ଜଣେ ୮ ବର୍ଷ ନାବାଳିକାଙ୍କୁ ସେ ଚକ୍‌ଲେଟ ଦେଇ ଏକ ନିଛାଟିଆ ସ୍ଥାନକୁ ଡାକି ନେଇଥିଲେ। ସେଠାରେ ସେ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ଏ ସଂକ୍ରାନ୍ତରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ, ପୋଲିସ କାଳିନ୍ଦୀଙ୍କୁ ଗିରଫ କରିବା ସହିତ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି।

## ବିଜୁ ସ୍ମାର୍ଟ ପାର୍କକୁ ନେଇ ବିବାଦ ତେଜୁଛି

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୨।୩

କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ଭ୍ରମରଦିଆପାଟଣା ମୌଜାରେ କେନ୍ଦ୍ରାପଡ଼ା ପୌରସଂସ୍ଥା ପରିଷଦ ପକ୍ଷରୁ ସହରାଞ୍ଚଳ ବିଜୁ ସ୍ମାର୍ଟ ପାର୍କ ନିର୍ମାଣ ହେଉଛି। ୧ କୋଟି ୬୦ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ଏବେ ଜମି ବିବାଦ ଘେରରେ ପଡିଛି । ଯାହାକୁ ନେଇ ଗୁଲନଗର ଗ୍ରାମର ଅନନ୍ତ କୁମାର ବେହେରା ଉଚ୍ଚ ନ୍ୟାୟାଳୟରେ ନିଜସ୍ୱ ସମ୍ପତ୍ତି ଦର୍ଶାଇ ମାମଲା ରୁଜୁ କରିଛନ୍ତି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଜମିର ସ୍ଥିତାବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପ୍ରକଳ୍ପ କାମ ବନ୍ଦ ହୋଇନାହିଁ।

ଏ ସମ୍ପର୍କରେ ଅନନ୍ତ ଅଭିଯୋଗ କରିଛନ୍ତି, ଉକ୍ତ ପ୍ରକଳ୍ପ ଜମି ବଣିଆମାଳ ଗ୍ରାମର ଗିରିଧାରୀ ତ୍ରିପାଠୀଙ୍କର ଥିଲା । ୧୯୩୯ ଜାନୁୟାରୀ ୧୩ରେ ଗିରିଧାରୀ ତାଙ୍କ ଜେଜେ ସାଧୁଚରଣଙ୍କୁ ବିକ୍ରି କରିଥିଲେ । ୧୯୩୦ରୁ ଏହି ମୌଜାରେ ଭୂବନ୍ଦୋବସ୍ତ ହୋଇ ନ ଥିବାରୁ ଅନନ୍ତ ନିଜର ପୈତୃକ ଜମିକୁ ନିଜ ନାମରେ କରିବା ପାଇଁ ପ୍ରଥମେ ତହସିଲ କାର୍ଯ୍ୟାଳୟ ଓ ୨୦୦୮ରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ପକ୍ଷରୁ କେନ୍ଦ୍ରାପଡ଼ା ତହସିଲଦାରଙ୍କୁ ଉକ୍ତ ଜମି ମ୍ୟୁଟେଶନ ପାଇଁ ନିର୍ଦ୍ଦେଶ ହେଇଥିଲେ । ହେଲେ କଟକରୁ ରେକର୍ଡ ଆସି ନ ଥିବା ଦର୍ଶାଇ ଏହାର ସମୟ ଗଡାଇ ଚାଲିଥିଲେ। ଏହାର ସୁଯୋଗ ନେଇ ପୌରାଞ୍ଚଳ କର୍ତ୍ତୃପକ୍ଷ ଏଠାରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ ପରେ ୨୦୨୧ରେ ହାଇକୋର୍ଟରେ ଅନନ୍ତ ନ୍ୟାୟ ଚାହିଁଥିଲେ । ହାଇକୋର୍ଟ ସ୍ଥିତାବସ୍ଥା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବିବାଦ ଆଗକୁ ଆସିଥିବାରୁ ପୌରାଞ୍ଚଳ ପରିସୀମା ବାହାରେ ପୌରସଂସ୍ଥା ପକ୍ଷରୁ ନିର୍ମାଣ ଅର୍ଥ ଭରଣା ହେବ କେମିତି ବୋଲି ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି । ଏ ସମ୍ପର୍କରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି, ଲୋକଙ୍କ ସ୍ୱାର୍ଥପାଇଁ ପୌର ସଂସ୍ଥାର ନିଜ ଜମିରେ କଲ୍ୟାଣ ମଣ୍ଡପ ଓ ବିଜୁ ସ୍ମାର୍ଟ ପାର୍କ ନିର୍ମାଣ କରିଛି । ଅନନ୍ତଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ସେ ମତ ଦେଇଛନ୍ତି ।

## ଇନ୍ଦୁପୁର ବାରୁଣୀ ଯାତ୍ରାରେ ୨୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ





ବାରୁଣୀ ଯାତ୍ରା ବୁଲିବାକୁ ଆସିଥିବା ଲୋକେ ସାମଗ୍ରୀ କିଣୁଛନ୍ତି ।

ଡେରାବିଶ,୨୨।୩ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ଇନ୍ଦୁପୁରଠାରେ ଚାଲିଥିବା ପ୍ରସିଦ୍ଧ ବାରୁଣୀଯାତ୍ରାର ବୁଧବାର ଥିଲା ୪ର୍ଥ ଦିବସ । ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ବୁଧବାର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବର୍ଷକରେ ଥରେ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ସମେତ ଆଖପାଖ ଅଞ୍ଚଳର ଲୋକମାନଙ୍କ ଭିଡ଼ ଜମିଥାଏ । ସମସ୍ତେ ଏହି ଯାତ୍ରାର ମଜା ଉଠାଇ ଥାଆନ୍ତି । ବିଶେଷକରି ଉକ୍ତ ଯାତ୍ରାରେ ଗୃହ ଉପକରଣ ଦୋକାନ ସହ ମନୋହରୀ, ବାଉଁଶରେ ନିର୍ମିତ ସାମଗ୍ରୀ ବିକ୍ରି କରାଯାଇଥାଏ । ଲୋକମାନେ ମେଳାର ମଜା ଉଠାଇବା ସହିତ ବିଭିନ୍ନ ସାମଗ୍ରୀ କିଣିବାକୁ ପସନ୍ଦ କରିଥାଆନ୍ତି । ମହିଳାମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ପାଇଁ ଅସ୍ଥାୟୀ ଦୋକାନରେ ଭିଡ଼ ଜମାଇଥାଆନ୍ତି। ପିଲାମାନେ ଦୋଳି ଖେଳିବା ସହ ଚଟ୍‌ପଟି ଖାଦ୍ୟର ମଜା ନେଇଥାଆନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ପ୍ରଦର୍ଶିତ ଅପେରା ଦର୍ଶକମାନଙ୍କୁ ବିଶେଷ ଆକର୍ଷଣ କରିଥାଏ। ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବାପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଓ ନିକିରାଇ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ୧୦ଜଣ ପୋଲିସ୍ ଅଧିକାରୀ ଓ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

## ଗୁରୁଚରଣଙ୍କୁ ସହାୟତା ପ୍ରଦାନ ପାଇଁ ତତ୍ପରତା

- ତଦନ୍ତ ଆରମ୍ଭ କଲା ବ୍ଲକ୍ ପ୍ରଶାସନ
- ଆବାସ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସୁପାରିସ

ରସୁଲପୁର,୨୨।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ଗଣାବାଗ ଗ୍ରାମର ଦିବ୍ୟାଙ୍ଗ ଗୁରୁଚରଣ ସାହୁ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ଦୁଃଖ ଓ ଦୁଃସ୍ଥ ଅବସ୍ଥା ସମ୍ପର୍କରେ ଜାଣିବା ପରେ ସାମାଜିକ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଏଥିସହ ଦିବ୍ୟାଙ୍ଗ ଗୁରୁଚରଣ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଉଛି। ଏହି ଖବର ଚଳିତ ମାସ ୧୧ତାରିଖରେ 'ଧରିତ୍ରୀ'ରେ ପ୍ରକାଶିତ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅବହେଳିତ ଗୁରୁଚରଣ ପରିବାରକୁ ସରକାରୀ ସହାୟତା ପ୍ରଦାନ ହେଉଛି କି ନାହିଁ ସେ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ବେଳେ ଗୁରୁଚରଣ ଜଣେ ଗରିବ ପରିବାର। ତାଙ୍କୁ ତୁରନ୍ତ ଆବାସ ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସୁପାରିସ କରାଯାଇଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରି ରିପୋର୍ଟ ଯାଜପୁର ଜିଲାପାଳ, ଏପିଡି ଗ୍ରାମୀଣ ଆବାସଙ୍କୁ ପତ୍ର ଜରିଆରେ ଅବଗତ କରାଯାଇଛି। ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ଅବଗତ ହେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଣ ଅଧିକାରୀ ଟୁନାରାଣୀ ସାହୁ ତଦନ୍ତ କରିଥିଲେ।



ବ୍ଲକର ଜଣେ ପ୍ରଶାସନିକ ଅଧିକାରୀ ଗୁରୁଚରଣଙ୍କ ଘରେ ତଦନ୍ତ କରୁଛନ୍ତି ।

ଗୁରୁଚରଣ ପରିବାରର ରାଶନକାର୍ଡ ତାଙ୍କ ସ୍ତ୍ରୀ ପାର୍ବତୀ ସାହୁଙ୍କ ନାମରେ ରହିଛି। ଉକ୍ତ ପରିବାରକୁ ଅନ୍ତୋଦ୍ୟୋୟ ଅନ୍ନ ଯୋଜନାରେ ଚାଉଳ ମିଳୁଛି। ମାଗଣା ଚାଉଳ ପରିବାରର ୪ଜଣଙ୍କ ବଦଳରେ ୩ଜଣଙ୍କୁ ମିଳୁଛି। ମାତ୍ର ଗୁରୁଚରଣଙ୍କ ନାମ ତାଙ୍କ ଭାଇ କାର୍ଡ ସହ ଯୋଡି ହୋଇ ରହିଛି। ତାଙ୍କୁ ପୃଥକ୍ କରି ଦିଆଯିବା ସହ କାର୍ଡଟି ସଂଶୋଧନ କରି ଦିଆଯିବ। ମୋଟାମୋଟି ଭାବରେ କହିବାକୁ ଗଲେ ଏହି ପରିବାରକୁ ରାସନ ସାମଗ୍ରୀ ଠିକ୍ ସମୟରେ ମିଳୁଛି ବୋଲି ତଦନ୍ତ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି। ଏହାଛଡ଼ା ଏହି ପରିବାର ଭଙ୍ଗାକୁଡ଼ିଆ ଘରେ ବସବାସ କରୁଛନ୍ତି। ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା ଜରିଆରେ ସରକାରୀ ଘରଟିଏ ପ୍ରଦାନ କରିବାକୁ ଦାବି ସଂପର୍କରେ ବ୍ଲକ ପକ୍ଷରୁ ବିପିସି ହରିଶଚନ୍ଦ୍ର ସାହୁ ଓ ନିର୍ବାହୀ ଅଧିକାରୀ ପ୍ରଫୁଲ ନାଥଙ୍କ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି।

ଏ ସବୁ ବାଦ୍ ଅବହେଳିତ ଗୁରୁଚରଣଙ୍କୁ ମିଳିଥିବା ଦିବ୍ୟାଙ୍ଗ ପ୍ରମାଣପତ୍ରରେ ସଂଶୋଧନ, ଭତ୍ତାରାଶି ବଢ଼ାଇବା, ପାଠପଢୁଆ ପିଲାଙ୍କୁ ପଢା ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା, ମହିଳା ସଶକ୍ତୀକରଣ ଯୋଜନାରେ ପାର୍ବତୀଙ୍କୁ ରୋଜଗାର କ୍ଷମ କରିବା, ପାଠପଢୁଆ ଝିଅପୁଅଙ୍କୁ ନିଯୁକ୍ତି ଆଦି ପ୍ରଦାନ କ୍ଷେତ୍ରରେ ସହାୟତାର ଆବଶ୍ୟକତା ରହିଛି। ତଦନ୍ତ ବେଳେ ହସ୍ତଗତ ହୋଇଥିବା ତଥ୍ୟ ସମ୍ପର୍କରେ ଅଧିକାରୀମାନେ ବିଡିଓ ଅବନିକାନ୍ତ ସାହୁଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟ ଆଧାରରେ ପ୍ରଶାସନ ପକ୍ଷରୁ ଗୁରୁଚରଣ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ। ତେବେ କେବେ ଏହି ପରିବାର ପାଖରେ ଆବଶ୍ୟକ ସହାୟତା ପହଁଚୁଛି ତାକୁ ଦେଖିବାକୁ ଅପେକ୍ଷା ରହିଲା।

## ସଂକ୍ଷେପରେ

### ବିଶ୍ୱ ଜଳ ଦିବସ ପାଳିତ

ପଟ୍ଟାମୁଣ୍ଡାଇ,୨୨।୩(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜରିଆ ବଳଦେବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ଅନ୍ତର୍ଗତ କୁସୁନପୁର ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଜଳ ଦିବସ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ହେମଲତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷାଧିକାରୀ ଅଶୋକ କୁମାର ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଆମ ଜୀବନରେ ଜଳର ଗୁରୁତ୍ୱ ପ୍ରତି ସଚେତନ କରିଥିଲେ । ଜଳର ଉପଯୁକ୍ତ ବ୍ୟବହାର ଦିଗରେ ସମସ୍ତଙ୍କୁ ପ୍ରତିବଦ୍ଧ ହେବାକୁ ପଡ଼ିବ। ନିଜର ବ୍ୟବହାରରେ ଆବଶ୍ୟକ ପରିବର୍ତ୍ତନ ଆଣି ପାରିଲେ ଆମେ ଜଳଜନିତ ସମସ୍ୟାର ମୁକାବିଲା କରିପାରିବା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସିଆରସିସି ଅନ୍ତର୍ଯ୍ୟାମୀ ବେଜ ଯୋଗ ଦେଇ ଜଳ ହିଁ ଜୀବନ। ଜଳର ସୁରକ୍ଷାର ଅର୍ଥ ଆମର ସୁରକ୍ଷା। ଏଥିପାଇଁ ବ୍ୟବହାରିକ ତଥା ସାମାଜିକସ୍ତରରେ ସାମୂହିକ ପ୍ରୟାସ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ । ସେହିପରି ବଡଜରିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବେହେରା ସଭାପତିତ୍ୱ କରିଥିଲେ । ସହକାରୀ ଶିକ୍ଷାଧିକାରୀ ପରିଡା ଓ ସିଆରସିସି ବେଜ୍ ଜଳଦିବସ ମହତ୍ତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ଆଲୋକପାତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ଜେନା ଧନ୍ୟବାଦ ଦେଇଥିଲେ ।

### ଶିକ୍ଷକମାନେ ଶହୀଦ୍ ସଚ୍ଚିଦାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ



ରାଜକନିକା,୨୨।୩ (ଡି.ଏନ.ଏ.): ରାଜକନିକା ବ୍ଲକର କଣ୍ଡିଆ ସଚ୍ଚିଦାନନ୍ଦ ସ୍ମୃତି ସ୍ତମ୍ଭରେ ବୁଧବାର କାନପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭଜ ଗୋବିନ୍ଦ ପରିଡାଙ୍କ ସହ ଅନ୍ୟ ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରଧାନ ଶିକ୍ଷକ ପରିଡା କହିଥିଲେ, ୧୯୯୯ ଜୁନ ମାସରେ କାରଗିଲ ପାହାଡ଼ରେ ଲାଏନ ସୁବନାୟକ ସଚ୍ଚିଦାନନ୍ଦ ୧୨ ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ହତ୍ୟା କରି ସମଗ୍ର ଭାରତ ବର୍ଷରେ ଚହଳ ସୃଷ୍ଟି କରିଥିଲେ। ତାଙ୍କର ଶେଷ ଚିତା ଏହିଠାରେ ଜଳିଥିଲା। ଏହା ଏକ ସୁନ୍ଦର ପାର୍କରେ ପରିଣତ ହୋଇଛି। କନପୁର ହାଇସ୍କୁଲ ଛାତ୍ରୀଛାତ୍ରମାନେ ସ୍ମୃତି ସ୍ତମ୍ଭ ବୁଲି ଦେଖିବା ସହ ଦେଶପ୍ରେମ ଶିକ୍ଷା କରି ପରିବେ ବୋଲି କହିଥିଲେ। ଏଠାରେ ଛାତ୍ରୀଛାତ୍ରମାନେ ବଣଭୋଜି କରି ମଜା ନେଇଥିଲେ। ଏଠାରେ ହିନ୍ଦି ଶିକ୍ଷକ ମଦନ ମୋହନ କୁଣ୍ଡୁ, ନିରୋଦ କୁମାର ରାଉତ, ଅକ୍ଷୟ କୁମାର ବାରିକ, ପ୍ରତାପ କୁମାର ମହାପାତ୍ର, ଭଜରାମ ସେଠୀ, ବାଇଧର ବାରିକ, ରବୀନ୍ଦ୍ର କୁମାର ପଲାଇ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ସ୍ମୃତ ସ୍ତମ୍ଭ ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ଓ ଶହୀଦ ସ୍ମୃତି କମିଟିର ସଭାପତି ଶିବରାମ ଦାସ ସ୍ମୃତି ସ୍ତମ୍ଭରେ ଫୁଲହାର ଦେଇ ଶିକ୍ଷକମାନଙ୍କ ସମେତ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସଂଯୋଗୀକରଣ ରାସ୍ତା କାର୍ଯ୍ୟ ସରୁନି

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରହିଛି ୧୪,୪୦୨ ପ୍ରକଳ୍ପ
- ଆପଦକାଳୀନ ବିପତ୍ତିରେ ହୀନସ୍ତା ଭୋଗୁଛନ୍ତି ଅଞ୍ଚଳବାସୀ
- ବର୍ଷା ଋତୁ ପୂର୍ବରୁ ପ୍ରକଳ୍ପ ସାରିବାକୁ ଦାବି



ମହାକାଳପଡ଼ା ବ୍ଲକର ଗାଁ ରାସ୍ତା କଦୁଅରେ ଭର୍ତ୍ତି।

କେନ୍ଦ୍ରାପଡ଼ା ଅଫିସ, ୨୨।୩

କେନ୍ଦ୍ରାପଡ଼ା ଜିଲାରେ ୩ଦିନ ଧରି ପଶ୍ଚିମା ଝଡ଼ ହେଉଛି। ଜିଲାର ୯ ବ୍ଲକରେ ହାରାହାରି ବର୍ଷା ପରିମାଣ ୪୧.୪ ମିଲିମିଟର ଥିବା ବେଳେ ମୋଟ ୩୭୩ ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏହି ଝଡ଼ବର୍ଷାରେ ଫସଲ ସହିତ ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ୧୭ ପଞ୍ଚାୟତକୁ ସଂଯୋଗୀକରଣ ରାସ୍ତା ବା ସେତୁ ନିର୍ମାଣ ହୋଇନାହିଁ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଆଦିକୁ ବାଦ୍ ଦେଲେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଥିବା ଗ୍ରାମ ସଂଯୋଗୀକରଣ ରାସ୍ତାର ୧୪,୪୦୨ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ଏହି ରାସ୍ତା ପ୍ରକଳ୍ପ ସରି ନ ଥିବାରୁ ଆପଦକାଳୀନ ସମୟରେ ଅଞ୍ଚଳବାସୀ ହୀନସ୍ତା ହେଉଥିବା ଦର୍ଶାଇଛନ୍ତି। ଆଗାମୀ ବର୍ଷାଦିନ ପୂର୍ବରୁ ଗ୍ରାମାଞ୍ଚଳକୁ ସଂଯୋଗୀକରଣ ପ୍ରକଳ୍ପକୁ ସାରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପାଢ଼ୀ, କ୍ଷିତୀଶ କୁମାର ସିଂହ, ପ୍ରଭାତ ରଞ୍ଜନ ଜେନା ପ୍ରମୁଖ କହିଛନ୍ତି ଯେ, ସୁଦୃଢ଼ ଯୋଗାଯୋଗ ପଥ ଦେଶକୁ ସମୃଦ୍ଧିଶାଳୀ କରିଥାଏ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ରାସ୍ତା ଉନ୍ନତୀକରଣ ଉପରେ ଜୋର ଦେଉଛନ୍ତି। ମାତ୍ର ବହୁ ସମୟରେ ପ୍ରଶାସନିକ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏସବୁର ଲାଭ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଏହାର ଉଦାହରଣ ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତଠାରୁ ଆରମ୍ଭ କରି ଏକମାଣିଆ, ପଦନୀପାଳ, ବଡିଘର ଆଦି ୧୭ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ୧୭ ପଞ୍ଚାୟତକୁ ସେତୁ ନିର୍ମାଣ ହୋଇ ନ ଥିବା ଯୋଗୁ ସଡ଼କ ଯୋଗାଯୋଗ ପଥ ବନ୍ଦ ରହିଛି। ଏଠାକାର ଲୋକଙ୍କ ବର୍ଷାଦିନେ ଡଙ୍ଗା ଏକମାତ୍ର ଭରସା ହୋଇଥିବା ବେଳେ ପ୍ରସୂତି, ଅପପୁଷ୍ଟିର ଶିକାର ଶିଶୁଙ୍କୁ ଟିକାକରଣରେ ବିଫଳତା ଦେଖିବାକୁ ମିଳୁଛି। ସେହିପରି ଗ୍ରାମାଞ୍ଚଳରେ ଅଗ୍ନିକାଣ୍ଡ, ଆଇନ ଶୃଙ୍ଖଳା ପରିସ୍ଥିତି, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ବିଦ୍ୟୁତ୍ ସେବା ଆଦି କ୍ଷେତ୍ରରେ ସହାୟତା ଯୋଗାଇ ଦିଆଯାଇ ପାରୁନାହିଁ। ସିଂହଗାଁ ପଞ୍ଚାୟତ ପାଇଁ ୨୦୧୪ରେ, ବଡିଘର ପାଇଁ ୨୦୧୬ରେ, ସିଓପଡ଼ା ବାମଣ୍ଡା ପାଇଁ ୨୦୦୩ ମସିହାରେ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଡ଼କପଥ ସମ୍ଭବ ହୋଇପାରିନାହିଁ। ଚଳିତ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟ ୧୫,୬୬୭ଟି ଗ୍ରାମାଞ୍ଚଳ ସଡ଼କର ଉନ୍ନତୀକରଣ ପାଇଁ ପ୍ରସ୍ତାବ ଆସିଥିଲା। ଏଥିମଧ୍ୟରୁ ୧୪,୪୦୨ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିନାହିଁ। ମାତ୍ର ୫,୬୧୪ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୨,୯୦୫ ପ୍ରକଳ୍ପ ମଞ୍ଜୁରୀ ପାଇଛି। ୫,୮୮୩ ପ୍ରକଳ୍ପ ମଞ୍ଜୁରୀ ଅପେକ୍ଷାରେ ଅଛି। ରାସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ବ୍ଲକ ସର୍ବାପେକ୍ଷା ପଛରେ ପଡ଼ିଛି। ଏହି ବ୍ଲକ ଅଞ୍ଚଳର ୧୦୬୮ ରାସ୍ତା ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୯୨୨ଟି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ମଞ୍ଜୁରୀ ପାଇଛି। ଏହି ବ୍ଲକ ଅଞ୍ଚଳରେ ବହୁ ଧୋୟାଞ୍ଚଳ ଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ୧୧୩୭ଟି ପ୍ରକଳ୍ପ କାର୍ଯ୍ୟ ପାଇଁ ଅଦ୍ୟାବଧି ମଞ୍ଜୁରୀ ଦେଇନାହାନ୍ତି। ଆର୍ଥିକ ବର୍ଷ ଶେଷ ହେବାକୁ ମାତ୍ର ୮ ଦିନ ବାକି ଥିବାବେଳେ ବର୍ଷାଦିନ ପୂର୍ବରୁ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତୀକରଣ ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ସମସ୍ତ ପ୍ରକଳ୍ପର ଡାଟା ଅଦ୍ୟାବଧି ପହଞ୍ଚି ପାରିନାହିଁ। ତେବେ ପ୍ରକଳ୍ପ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। କେତେଗୋଟି ରାସ୍ତାର ନିର୍ମାଣ ସମୟରେ ଜମିଜମାକୁ ନେଇ ବିବାଦ ଉଠିଛି ବୋଲି ସେ କହିଛନ୍ତି।

# ବିଜୁ ସ୍ମାର୍ଟ ପାର୍କକୁ ନେଇ ବିବାଦ ତେଜୁଛି

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୨୨।୩

କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ପଞ୍ଚାୟତ ଭ୍ରମରଦିଆପାଟଣା ମୌଜାରେ କେନ୍ଦ୍ରାପଡ଼ା ପୌରସଂସ୍ଥା ପରିଷଦ ପକ୍ଷରୁ ସହରାଞ୍ଚଳ ବିଜୁ ସ୍ମାର୍ଟ ପାର୍କ ନିର୍ମାଣ ହେଉଛି । ୧ କୋଟି ୬୦ ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ଏବେ ଜମି ବିବାଦ ଘେରରେ ପଡିଛି । ଯାହାକୁ ନେଇ ଗୁଲନଗର ଗ୍ରାମର ଅନନ୍ତ କୁମାର ବେହେରା ଉଚ୍ଚ ନ୍ୟାୟାଳୟରେ ନିଜସ୍ୱ ସମ୍ପତ୍ତି ଦର୍ଶାଇ ମାମଲା ରୁଜୁ କରିଛନ୍ତି । ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଜମିର ସ୍ଥିତାବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପ୍ରକଳ୍ପ କାମ ବନ୍ଦ ହୋଇନାହିଁ।

ଏ ସମ୍ପର୍କରେ ଅନନ୍ତ ଅଭିଯୋଗ କରିଛନ୍ତି, ଉକ୍ତ ପ୍ରକଳ୍ପ ଜମି ବଣିଆମାଳ ଗ୍ରାମର ଗିରିଧାରୀ ତ୍ରିପାଠୀଙ୍କର ଥିଲା । ୧୯୩୯ ଜାନୁୟାରୀ ୧୩ରେ ଗିରିଧାରୀ ତାଙ୍କ ଜେଜେ ସାଧୁଚରଣଙ୍କୁ ବିକ୍ରି କରିଥିଲେ । ୧୯୩୦ରୁ ଏହି ମୌଜାରେ ଭୂବନ୍ଦୋବସ୍ତ ହୋଇ ନ ଥିବାରୁ ଅନନ୍ତ ନିଜର ପୈତୃକ ଜମିକୁ ନିଜ ନାମରେ କରିବା ପାଇଁ ପ୍ରଥମେ ତହସିଲ କାର୍ଯ୍ୟାଳୟ ଓ ୨୦୦୮ରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ପକ୍ଷରୁ କେନ୍ଦ୍ରାପଡ଼ା ତହସିଲଦାରଙ୍କୁ ଉକ୍ତ ଜମି ମ୍ୟୁଟେଶନ ପାଇଁ ନିର୍ଦ୍ଦେଶ ହେଇଥିଲେ । ହେଲେ କଟକରୁ ରେକର୍ଡ ଆସି ନ ଥିବା ଦର୍ଶାଇ ଏହାର ସମୟ ଗଡାଇ ଚାଲିଥିଲେ। ଏହାର ସୁଯୋଗ ନେଇ ପୌରାଞ୍ଚଳ କର୍ତ୍ତୃପକ୍ଷ ଏଠାରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ ପରେ ୨୦୨୧ରେ ହାଇକୋର୍ଟରେ ଅନନ୍ତ ନ୍ୟାୟ ଚାହିଁଥିଲେ । ହାଇକୋର୍ଟ ସ୍ଥିତାବସ୍ଥା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବିବାଦ ଆଗକୁ ଆସିଥିବାରୁ ପୌରାଞ୍ଚଳ ପରିସୀମା ବାହାରେ ପୌରସଂସ୍ଥା ପକ୍ଷରୁ ନିର୍ମାଣ ଅର୍ଥ ଭରଣା ହେବ କେମିତି ବୋଲି ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି । ଏ ସମ୍ପର୍କରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି, ଲୋକଙ୍କ ସ୍ୱାର୍ଥପାଇଁ ପୌର ସଂସ୍ଥାର ନିଜ ଜମିରେ କଲ୍ୟାଣ ମଣ୍ଡପ ଓ ବିଜୁ ସ୍ମାର୍ଟ ପାର୍କ ନିର୍ମାଣ କରିଛି । ଅନନ୍ତଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ସେ ମତ ଦେଇଛନ୍ତି ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ରାଜକନିକା,୨୨।୩ (ଡି.ଏନ.ଏ.)

ରାଜକନିକା ଥାନା ଅନ୍ତର୍ଗତ ପଣଷଗଣ୍ଡ ଗାଁର ଜଣେ ନାବଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ପଣଷଗଣ୍ଡ ଗାଁର କାଳିନ୍ଦୀ ମଳିକ (୪୦)। ସେହି ଗାଁର ଜଣେ ୮ ବର୍ଷ ନାବାଳିକାଙ୍କୁ ସେ ଚକ୍‌ଲେଟ ଦେଇ ଏକ ନିଛାଟିଆ ସ୍ଥାନକୁ ଡାକି ନେଇଥିଲେ । ସେଠାରେ ସେ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ଏ ସଂକ୍ରାନ୍ତରେ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ, ପୋଲିସ କାଳିନ୍ଦୀଙ୍କୁ ଗିରଫ କରିବା ସହିତ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି ।

## ଖେଳଣା ପ୍ରସ୍ତୁତି କର୍ମଶାଳା ଉଦ୍‌ଯାପିତ



କର୍ମଶାଳାରେ ଶିକ୍ଷୟିତ୍ରୀଶିକ୍ଷକମାନେ କଣ୍ଢେଇ ପ୍ରସ୍ତୁତ କରୁଛନ୍ତି ।

ଆଳି,୨୨।୩ (ଡି.ଏନ୍.ଏ.)

ଆଳି ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ଅଧୀନ ଗିରିବନ୍ଧ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସିଆର୍‌ସିସି ହଳଧର ସାହୁ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବେହେରା ଓ କ୍ଲଷ୍ଟରର ନିମନ୍ତ୍ରିତ ଶିକ୍ଷୟିତ୍ରୀଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବନମାଳୀ ସେନାପତି, ବରିଷ୍ଠ ଖବରଦାତା ପ୍ରମୋଦ କୁମାର ମଲିକ, ବିଜୟ କୁମାର ରାୟ, ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ, କେନ୍ଦ୍ରାପଡ଼ା, ବାଲିଆର ଶିକ୍ଷୟିତ୍ରୀ ଲୋପାମୁଦ୍ରା ପଣ୍ଡା, ନୋଡାଲ ସିଆର୍‌ସିସି ଅକ୍ଷୟ କୁମାର ଜେନା ଯୋଗ ଦେଇ ଶିକ୍ଷଣ କାର୍ଯ୍ୟକ୍ରମରେ ଖେଳଣାର ଗୁରୁତ୍ୱ ଉପରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାର୍ଗଦର୍ଶନ ଦେଇଥିଲେ। କର୍ମଶାଳାରେ ପ୍ରଶିକ୍ଷକ ମଞ୍ଜୁଲତା ଜେନା, ବୀରବର ସାମଲ ଓ ବିରଞ୍ଚି ବେହେରା ପରିଚାଳନା କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଅନେକ ଖେଳଣା ପ୍ରସ୍ତୁତ କରାଇ ଥିଲେ। ନିମନ୍ତ୍ରୀତ ଅତିଥିମାନେ ଉଭୟ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ସୁକାନ୍ତ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଜୟରାଷ୍ଟ୍ର ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ

କେନ୍ଦ୍ରାପଡ଼ା ଅଫିସ, ୨୨।୩



ହିନ୍ଦୁ ନବବର୍ଷ ଉପଲକ୍ଷେ ଗୋପୂଜନ କରାଯାଉଛି।

କେନ୍ଦ୍ରାପଡ଼ା ଜିଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟରାଷ୍ଟ୍ର ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ ଓ ହିନ୍ଦୁ ନବବର୍ଷ ବୁଧବାର ପାଳନ କରାଯାଇଛି। ଅନୁଷ୍ଠାନର ଆବାହକ ମାତୃଦତ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ବ୍ଲକ କୋରୋ ଗ୍ରାମର ଜଗନ୍ନାଥ ମନ୍ଦିରରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ପତିତପାବନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏଠାରେ ରାଷ୍ଟ୍ର ମଙ୍ଗଳ ହୋମ ଯଜ୍ଞ, ଧ୍ୱଜା ପୂଜନ, ଗୋମାତା ପୂଜନ ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମଳୟ କୁମାର ସାହୁ, ସୀତାକାନ୍ତ ଜେନା, ଡା. ରାଜେନ୍ଦ୍ର କୁମାର ବରାଳ, ଡା. ବୀରେନ୍ଦ୍ର କୁମାର ଦାଶ, ପ୍ରବୋଧ କୁମାର ପଣ୍ଡା, ସରୋଜକାନ୍ତ ଜେନା, ପ୍ରଦ୍ୟୁମ୍ନ ବେହେରା, ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ହିନ୍ଦୁ ନବବର୍ଷ ଓ ସୃଷ୍ଟି ଆରମ୍ଭ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ କହିଥିଲେ, ସମ୍ପ୍ରତି ପାଶ୍ଚାତ୍ୟ ସଂସ୍କୃତି ମୋହରେ ଭାରତୀୟ ଯୁବବର୍ଗ ପଡ଼ିଛନ୍ତି। ଏଥିପାଇଁ ହିନ୍ଦୁ ଧର୍ମର ବହୁ ପରୀକ୍ଷିତ ବୈଜ୍ଞାନିକ ବିଶ୍ଳେଷଣକୁ ଭୁଲି ଅନ୍ଧ ବିଶ୍ୱାସ କହି ଏଡ଼ାଇ ଚାଲିଛନ୍ତି। ମୃତକ ସଂସ୍କାରରେ ପରିବେଶ ପ୍ରତି ଅନୁରକ୍ତିଠାରୁ ଆରମ୍ଭ କରି ସାଧାରଣରେ ଉପବାସକୁ ଏବେ ସାମ୍ପ୍ରତିକ ସମୟର ବୈଜ୍ଞାନିକମାନେ ଏହାର ଯଥାର୍ଥତା ଉପଲବ୍ଧି କଲେଣି। କୋରୋ ଜଗନ୍ନାଥ ମନ୍ଦିର ପରିଚଳନା କମିଟି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଋଣ ମେଳା

ରାଜନଗର,୨୨।୩ (ଡି.ଏନ.ଏ.)

ରାଜନଗରସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର ୪୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ କୋଟି ୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟବ୍ୟାଙ୍କର ଡିଜିଏମ୍ କୁନ୍ଦନ ଜ୍ୟୋତି, ରିଜିଓନାଲ ମ୍ୟାନେଜର ପୁର୍ଣ୍ଣେନ୍ଦୁ ମହାପାତ୍ର, ସିଏମ୍‌ଏସ୍‌ବିଡି ଉମାକାନ୍ତ ପୂଜାରୀ ପ୍ରମୁଖ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଉପସ୍ଥିତ ରହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାମାନଙ୍କୁ ଋଣ ଅର୍ଥ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମି ରଞ୍ଜନ ଦାସ, ରାଜନଗର ଷ୍ଟେଟବ୍ୟାଙ୍କ ଶାଖାର ପରିଚାଳକ ରଞ୍ଜନ କୁମାର ସାହୁ, ଫିଲ୍ଡ ଅଫିସର ନିରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦୁପୁର ବାରୁଣୀ ଯାତ୍ରାରେ ୨୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ





ମେଳାରେ ଲୋକମାନେ ଘରକରଣା ସାମଗ୍ରୀ କିଣୁଛନ୍ତି।

ଡେରାବିଶ,୨୨।୩ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ଇନ୍ଦୁପୁରଠାରେ ଚାଲିଥିବା ପ୍ରସିଦ୍ଧ ବାରୁଣୀଯାତ୍ରାର ବୁଧବାର ଥିଲା ୪ର୍ଥ ଦିବସ । ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ବୁଧବାର ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବର୍ଷକରେ ଥରେ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାରେ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ସମେତ ଆଖପାଖ ଅଞ୍ଚଳର ଲୋକମାନଙ୍କ ଭିଡ଼ ଜମିଥାଏ । ସମସ୍ତେ ଏହି ଯାତ୍ରାର ମଜା ଉଠାଇ ଥାଆନ୍ତି । ବିଶେଷକରି ଉକ୍ତ ଯାତ୍ରାରେ ଗୃହ ଉପକରଣ ଦୋକାନ ସହ ମନୋହରୀ, ବାଉଁଶରେ ନିର୍ମିତ ସାମଗ୍ରୀ ବିକ୍ରି କରାଯାଇଥାଏ । ଲୋକମାନେ ମେଳାର ମଜା ଉଠାଇବା ସହିତ ବିଭିନ୍ନ ସାମଗ୍ରୀ କିଣିବାକୁ ପସନ୍ଦ କରିଥାଆନ୍ତି । ମହିଳାମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ପାଇଁ ଅସ୍ଥାୟୀ ଦୋକାନରେ ଭିଡ଼ ଜମାଇଥାଆନ୍ତି। ପିଲାମାନେ ଦୋଳି ଖେଳିବା ସହ ଚଟ୍‌ପଟି ଖାଦ୍ୟର ମଜା ନେଇଥାଆନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ପ୍ରଦର୍ଶିତ ଅପେରା ଦର୍ଶକମାନଙ୍କୁ ବିଶେଷ ଆକର୍ଷଣ କରିଥାଏ। ଯାତ୍ରାକୁ ଅଧିକ ଶୃଙ୍ଖଳିତ କରିବାପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ଓ ନିକିରାଇ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ୧୦ଜଣ ପୋଲିସ୍ ଅଧିକାରୀ ଓ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

# ନୃତ୍ୟ, ସଙ୍ଗୀତରେ ବିଭୋର ଦର୍ଶକ

ଡେରାବିଶ,୨୨।୩ (ସ୍ୱ.ପ୍ର.)



ମହୋତ୍ସବରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

### ବାରୁଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

- ଭାଇଚାରା, ସଂସ୍କୃତିର ସମୃଦ୍ଧି ହେଲେ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେବ

କେନ୍ଦ୍ରାପଡା ଜିଲାର ପ୍ରସିଦ୍ଧ ବାରୁଣୀ ଯାତ୍ରା କେନ୍ଦ୍ରାପଡା ବ୍ଲକ ଅଧୀନ ଇନ୍ଦୁପୁରଠାରେ ଆରମ୍ଭ ହୋଇଛି । ଏହି ଅବସରରେ ବିରୁପା ନଦୀ କୂଳରେ ସୋମବାରଠାରୁ ଆରମ୍ଭ ହୋଇଥିବା ବାରୁଣୀ ମହୋତ୍ସବର ମଙ୍ଗଳବାର ଥିବା ଦ୍ୱିତୀୟ ସନ୍ଧ୍ୟା । ଶିକ୍ଷାବିତ୍ ପ୍ରଣବ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାବେଶରେ ଅବସରପ୍ରାପ୍ତପ୍ର ଶାସକ ଧରଣୀଧର ନାଥ ମୁଖ୍ୟଅତିଥି, ଶିକ୍ଷାବିତ୍ ନୀଳମାଧବ ପତି ମୂଖ୍ୟବକ୍ତା, ଓୟୁଜେର ଜିଲା ସଭାପତି ପରେଶ ଚନ୍ଦ୍ର ଦାସ, କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଧୁମାତ ସରପଞ୍ଚ ମଞ୍ଜୁଲତା ସେଠୀ, ସମବାୟବିତ୍ ନରହରି ପାଣି ପ୍ରମୁଖ ଯୋଗ ଦେଇ ଭାଇଚାରା ଓ ସଂସ୍କୃତିର ସମୃଦ୍ଧି ହେଲେ ସାମାଜିକ ବ୍ୟବସ୍ଥା ସୁଦୃଢ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏଥି ସହିତ ଇନ୍ଦୁପୁର ତଥା ଜିଲାର ସଂସ୍କୃତି ଐତିହ୍ୟ ଓ ବୈଭବକୁ ଆଗକୁ ନେବା ପାଇଁ ମହୋତ୍ସବ ସହାୟକ ହୋଇଥିବା ନେଇ ଅତିଥିମାନେ କହିଥିଲେ ।

ଏହି ଅବସରରେ ଆୟୋଜିତ ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ ସ୍କୁଲର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ଥିଲା । ଖେମୁଣ୍ଡି ଲୋକକଳା ଏକାଡେମୀର କଣ୍ଢେଇ ନାଚ ଦର୍ଶକଙ୍କୁ ବିଭୋର କରିଥିଲା । ମହୋତ୍ସବ କମିଟିର ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୁତାର ସ୍ୱାଗତ ଭାଷଣ, ଚିତ୍ତରଞ୍ଜନ ରାଉତ ଅତିଥି ପରିଚୟ ଓ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଏହି ରଙ୍ଗାରଙ୍ଗ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଶତ୍ରୁଘ୍ନ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ବରିଷ୍ଠ ଖବରଦାତା ଦେବେନ୍ଦ୍ରନାଥ ସୁଆର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭାପତି ମାନସ ପରିଡା, ଗମୁ ସରପଞ୍ଚ ଜଗଦୀଶ ଜେନା, ଇନ୍ଦୁପୁର ସମିତି ସଭ୍ୟା ସୁନନ୍ଦା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ମହୋତ୍ସବ କମିଟିର ସଭାପତି ସୁତାର, ଅତିଥି ପରିଚୟ ପ୍ରଣବ କୁମାର ଜେନା, ଧନ୍ୟବାଦ ପ୍ରଦୀପ୍ତ ଦାସ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଗର କୁମାର ଜେନା, ପ୍ରଭାତ କୁମାର ଜେନା, ପ୍ରଭାକର ମଲ୍ଲିକ, ସୁବ୍ରତ ପଣ୍ଡା, ପ୍ରକାଶ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ବାରଣ୍ଡା ମାଡ଼ିନାହାନ୍ତି ଶିଶୁ

**ବୁଗୁଡ଼ା, ୨୨।୩(ଡି.ଏନ୍.ଏ.):**

'ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ'ର ସ୍ଲୋଗାନ ଏବେ ବୁଗୁଡ଼ା ଅଞ୍ଚଳରେ ଫେଲ୍ ମାରିଥିବା ଦେଖବବାକୁ ମିଳିଛି। ୩ ରୁ ୧୪ ବର୍ଷ ପିଲାଙ୍କ ପାଇଁ ଶିକ୍ଷା ବାଧତାମୂଳକ କରାଯାଇଛି। ଗୋଟିଏ ବି ଶିଶୁ ଯେମିତି ବିଦ୍ୟାଳୟ ଯିବାରୁ ବଞ୍ଚିତ ନହେବେ ସେଥିପ୍ରତି ବିଭିନ୍ନ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ହେଲେ ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ବି ସବୁ ଫେଲ୍ ମାରୁଛି, ଯାହାର ନିଛକ ଚିତ୍ର ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ମାଧପଲ୍ଲୀ ଆଦିବାସୀ ଗ୍ରାମରେ। ଏହି ଗ୍ରାମର ୨ଟି ପିଲାଙ୍କୁ ଛାଡି ଦେଲେ ଅନ୍ୟମାନେ ସ୍କୁଲ କି ଅଙ୍ଗନୱାଡି କେନ୍ଦ୍ର ଦେଖିନାହାନ୍ତି। କାରଣ ବୁଝିବାରେ ଜଣାପଡିଲା ଗାଁରେ ଅଙ୍ଗନବାଡି କେନ୍ଦ୍ର ନାହିଁ କି ସ୍କୁଲ ନାହିଁ। ଫଳରେ ଶିଶୁଙ୍କୁ ୩ କିଲୋମିଟର ଦୂର କରଚୁଲି କିମ୍ବା ଜେଏକ ଗ୍ରାମକୁ ଯିବାକୁ ପଡେ। ହେଲେ ମାଟି ରାସ୍ତା ସାଙ୍ଗକୁ ରାସ୍ତାରେ ହାତୀ ଭୟ ଯୋଗୁଁ ଏତେ ବାଟ ଚାଲି ଚାଲି ଯିବା ଶିଶୁମାନଙ୍କ ପକ୍ଷେ କଷ୍ଟସାଧ ହେଉଥିବାରୁ ଏହି ଗ୍ରାମର ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ର ଦେଖିନଥିବା ବେଳେ କିଛି ପିଲା ସ୍କୁଲ ମଧ ଦେଖିନାହାନ୍ତି। ଏହି ଗ୍ରାମରେ ରହୁଛନ୍ତି ସମୁଦାୟ ୧୮


ସ୍କୁଲ ବାରଣ୍ଡା ମାଡ଼ିନଥିବା ଶିଶୁ ।

## ଆଦିବାସୀ ଅଧୁଷିତ ମାଧପଲ୍ଲୀ ଗାଁ

ଆଦିବାସୀ ପରିବାର। ଗ୍ରାମର ସମସ୍ତେ ଗରିବ ଆଦିବାସୀ। ବଣ ଜଙ୍ଗଲରୁ କାଠ, ମହୁଲ ସଂଗ୍ରହ କରିବା ସହ ମୂଲ ଲାଗିଲେ ସେମାନଙ୍କ ପରିବାର ଚଳୁଛି। ପିଲାଙ୍କୁ ଏତେ ଦୂର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ନେବା ଆଣିବା କରିବା ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ଆବାସ ଯୋଜନା ବି ଏମାନଙ୍କ ପାଇଁ ସାତ ସପନ। ଫଳରେ ଅଧିକାଂଶ ଆଦିବାସୀ ପରିବାର ଭଙ୍ଗା ଚାଳ କୁଡିଆରେ ଜୀବନ ଅତିବାହିତ କରୁଛନ୍ତି। ପିଲାମାନେ ସ୍କୁଲ ଯିବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଅଧିକାଂଶ ପିଲା ଅଧାରୁ ପାଠ ଛାଡି ଥିବା ବେଳେ ବହୁତ ପିଲା ସ୍କୁଲ ବାରଣ୍ଡା ଦେଖିନାହାନ୍ତି। ଏହି ଗ୍ରାମର ସାଇରମ ମଳିକ, ପୂଜା ମଳିକ, ପ୍ରଦୀପ ମଳିକ, ମନୋଜ ଜାନି, ସନ୍ତୋଷିନୀ ଜାନି ଆଜି ପର୍ଯ୍ୟନ୍ତ ସ୍କୁଲ କି ଅଙ୍ଗନୱାଡି ପିଣ୍ଡା ମାଡ଼ି ନଥିବା ବେଳେ ଦେବରାଜ ମଳିକଙ୍କ ପୁଅ ଶିବ ମଳିକ, ନାରାୟଣ ମଳିକଙ୍କ ପୁଅ ଗରୁଡ଼ ଛାଡ଼ିଦେଲେ ବସନ୍ତ ନାୟକଙ୍କ ପୁଅ ନରେନ୍ଦ୍ର ନାୟକ, ନାରାୟଣ ମଳିକଙ୍କ ପୁଅ ସାଗର ମଳିକ, ଆକାଶ ମଳିକ, ରାଜେଶ ନାୟକ, ୫ ଶ୍ରେଣୀରୁ ପାଠ ଛାଡ଼ି ଘରେ ବସିଛନ୍ତି। ସେମାନଙ୍କୁ ବୁଝାଇ ଶୁଝାଇ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ରକୁ ନେବା ପାଇଁ ଆଜି ପର୍ଯ୍ୟନ୍ତ ଶିକ୍ଷାବିଭାଗର କୌଣସି ଅଧିକାରୀ କି ଅଙ୍ଗନୱାଡି କର୍ମୀ ଗ୍ରାମକୁ ଆସି ନଥିବା କହିଛନ୍ତି ଗାଁ ସଭାପତି ବିପ୍ର ଚରଣ ମଳିକ।

## ସଂକ୍ଷେପରେ

### ଜିଲାସ୍ତରୀୟ ଜେଆର୍‌ସି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପାତ୍ରପୁର,୨୨।୩(ଡି.ଏନ.ଏ.)- ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜୟନ୍ତୀପୁର ସ୍ଥିତ ଦିବ୍ୟସିଂହ ବିଦ୍ୟାପୀଠରେ ଜିଲା ସ୍ତରୀୟ ଜେଆର୍‌ସି ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ପାଢ଼ୀ ସଭାପତିତ୍ୱ କରିଥିଲେ। ଆପିଇ ଭାଗୀରଥି ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ୮୦ ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରଶିକ୍ଷଣ ନେଉଥିବା ବେଳେ ପୁରୁଷୋତ୍ତମପୁର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେ କୃଷ୍ଣ ପଣ୍ଡା, ହୁମାଂଶୁ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ମହାରଣା, ବିଜୟ ଚନ୍ଦ୍ର ମହାରଣା, ଡ.ସ୍ମିତାରାଣି ସ୍ୱାଇଁ, ଭିକାରୀ ଚରଣ ଗୌଡ଼ ପ୍ରମୁଖ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ଦେଇଥିଲେ। ଦିବ୍ୟସିଂହ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା ଧନ୍ୟବାଦ ଅର୍ପଣ।

### ଆକ୍ରମଣ ମାମଲାର ଅଭିଯୁକ୍ତ ଗିରଫ

ଆସିକା,୨୨।୩(ଡି.ଏନ.ଏ.)-ଗାଙ୍ଗପୁର ଥାନା ପାଇଲିପଡା ଗ୍ରାମରେ ଏକ ଆକ୍ରମଣ ମାମଲାର ଅଭିଯୁକ୍ତଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ପିତବାସ ସେଠୀ (୩୨)। ସୋମବାର ଅଭିଯୁକ୍ତ ଜଣକ ପୈତୃକ ଜମି ବାଡିକୁ କେନ୍ଦ୍ର କରି ତାଙ୍କ ବଡବାପା ପ୍ରଭାକର ସେଠୀଙ୍କୁ ଛୁରାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ଆହତ ପ୍ରଭାକରଙ୍କ ଅଭିଯୋଗ କ୍ରମେ ପୋଲିସ ପକ୍ଷରୁ ଗାଙ୍ଗପୁର ଥାନାରେ ନଂ.୧୯୦/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା।

### ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଖଲ୍ଲିକୋଟ,୨୨।୩(ଡି.ଏନ.ଏ)-ଖଲ୍ଲିକୋଟ ସହର ନିକଟ ନିର୍ମଳ ଝର ଛକ ବାସିନ୍ଦା ସୁରେଶ ସେଠୀଙ୍କୁ ପୂର୍ବ ଶତ୍ରୁତାକୁ ନେଇ ବୁଧବାର ଦୁର୍ବୃତ୍ତମାନେ ମରାଣାନ୍ତକ ଆକ୍ରମଣ କରିଛନ୍ତି। ସନ୍ଧ୍ୟାରେ ଘରୁ ଡାକିନେଇ ଟିକିଲି ଯିବାରାସ୍ତାର ଏକ ଜଙ୍ଗଲ ପାଖରେ ଗୋଡ଼ରେ ପଥର ଛେଚି ଆକ୍ରମଣ କରିଥିବା ନେଇ ସୁରେଶ ପ୍ରକାଶ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଆସିକା,୨୨।୩ (ଡି.ଏନ୍.ଏ.)- ଆସିକା ବ୍ଲକ ସଭାଗୃହରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଉପାଧକ୍ଷା ରେଶମା ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଫକୀର ଚରଣ ପରିଡ଼ା, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ରବୀନ୍ଦ୍ର ମଲାଣ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଲୋକନାଥ ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏତ୍ୟବସରରେ ୨୦୨୨-୨୩ରେ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା।

# ଜନ ଆରୋଗ୍ୟ ସମିତି ବୈଠକ

**ପୋଲସରା,୨୨।୩(ଡି.ଏନ.ଏ.)**

ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବୁଧବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକକୁ ସମିତି ସଭାପତି ତଥା ୩୮ ନଂ ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲସରା ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁ, ଆସିକା କୋପରେଟିଭ ଡାଇରେକ୍ଟର ରଞ୍ଜନ କୁମାର ସାହୁ, ସରପଞ୍ଚ ଭଗବାନ ରଥ, ଡ଼କ୍ଟର କମଳକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ମଧ୍ୟରେ ପାଚେରୀ, ରାସ୍ତା, ମୁଖ୍ୟ ଗେଟ, ପାର୍କ ଆଦି ନିର୍ମାଣ ଲାଗି ବୈଠକରେ ଆଲୋଚନା ହୋଇଥିଲା। ଆୟବ୍ୟୟ ଉପରେ ମଧ ଆଲୋଚନା ହୋଇଥିଲା। ଠିକ ସେହିପରି ତୁଙ୍ଗାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ ଜନ ଆରୋଗ୍ୟ ସମିତି ପକ୍ଷରୁ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଲଳିତମୋହନ ରଥ ତୁଙ୍ଗାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ଼.ରାମପ୍ରସାଦ ଖଟୁଆ, ଫାର୍ମାସିଷ୍ଟ ୟୁ.କୃଷ୍ଣମୂର୍ତ୍ତି ପାତ୍ର, ବିପିଏମ୍ ଲମ୍ବୋଦର ରଥ, ପିଏଚଇଓ ବସନ୍ତ କୁମାର ମହାରଣା, ବନମାଳୀ ପରିଡ଼ା, ରଜନୀ ରାଣୀ ବେହେରା ଓ ସରପଞ୍ଚ ସୀମାଞ୍ଚଳ ସେଠୀ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମାଛଚାଷ ତାଲିମ ଶିବିର


ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଏସ୍‌ଏଚ୍‌ଜି।

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୨।୩**

କନ୍ଧମାଳ ଜିଲା ଫିରିଙ୍ଗିଆ ବଜାର ନରେନ୍ଦ୍ର ପୋଖରୀ ନିକଟରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ମାଛ ଚାଷ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଟି ସ୍ୱୟଂ ସହାୟିକା ଗୋଷ୍ଠୀର ୨୪ ଜଣ ମହିଳା ଓ ଫିରିଙ୍ଗିଆ ଅଞ୍ଚଳର ଜଣେ ସଫଳ ମତ୍ସ୍ୟ ଚାଷୀ କିଶୋର ମୁଖୀ ଉପସ୍ଥିତ ରହି ମାଛ ଚାଷ ସମ୍ପର୍କିତ ତାଲିମ ଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଆଶା ଲକ୍ଷ୍ମୀ ନରେନ୍ଦ୍ର ଯୋଗଦେଇ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଚାଷୀମାନଙ୍କୁ ମାଛ ଚାଷ, ରୋଗ, ନିରାକରଣ, ଖାଦ୍ୟ ଓ ବିଭିନ୍ନ ମାଛ ଚାଷ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶନଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ବାଦଲ ନାୟକ, କୃଷି ବୈଷୟିକ ପରିଚାଳକ ହିମାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ପ୍ରଥମ


ମେଡିକାଲ ଅଫିସରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ପାରଳାଖେମୁଣ୍ଡି,୨୨।୩ (ଡି.ଏନ୍.ଏ):**

ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପରେ ଆୟୋଜିତ ଏମ୍‌ଆଇଏସ୍ କ୍ୟାମ୍ପେନ୍‌ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲାପରିଷଦ ଅଧକ୍ଷ ଜି. ତ୍ରିପତି ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ଡିପିଏମଓ ସୌମ୍ୟାରାଣୀ ଗୌଡ଼, ଡାକ୍ତର ଆନନ୍ଦ ସାମନ୍ତରାୟ, ଏଡିପିଏସଓ ଏବଂ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥଲେ। ଜିଲାର ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ରାୟଗଡ଼ର ମେଡିକାଲ ଅଫିସର ଡକ୍ଟର ସବିର କୁମାର ବଳ, ପିଏଚଇଓ ବାଙ୍କୀ ପ୍ରଧାନ, ବିପିଏମ କେ. ମନୋଜ କୁମାର, ବିଡ଼ିଏମ ସମୀର କୁମାର ପଟ୍ଟନାୟକ ପୁରସ୍କାର ଗ୍ରହଣ କରିଥିଲେ। ଶ୍ରେଷ୍ଠ ବିଡିଏମ ଭାବେ ସମୀର କୁମାର ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ତାଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଖଜୁରିପଦାରେ ବ୍ଲକସ୍ତରୀୟ ପରାମର୍ଶ ଶିବିର

**ନୂଆଗଡ,୨୨।୩**

ଗଜପତି ଓ ଓଡ଼ିଶା ଜୀବିକା ମିଶନର ମିଳିତ ଉଦ୍ୟମରେ ଖଜୁରୀପଦା ସ୍ଥିତ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆଗଡ ବିଡ଼ିଓ ଲୋକନାଥ ଶବରଙ୍କ ନେତୃତ୍ୱରେ ଜିଲା ନିଯୁକ୍ତି ଅଧିକାରୀ ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ, ଜିଲା ସଂଯୋଜକ ଓରମାସ (ଦକ୍ଷତା ବିକାଶ) କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ଅଧିକାରୀ ସତ୍ୟବାଦୀ ପାଇକ, ବନ୍ଦନା ବଡମୁଣ୍ଡି ବାବୁଲିଟି ଲିମା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଭୁବନେଶ୍ୱର ଆବେୱେଷ୍ଟ ଓ ସିପେଟ ନାମକ ୨ଟି ଆଇଟିଆଇ ସଂସ୍ଥା ଯୋଗ ଦେଇଥିବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତମାନଙ୍କରୁ ଆସିଥିବା ୧୬୦ ଜଣ ଯୁବକ ଯୁବତୀ ପଞ୍ଜୀକରଣ କରିଥିବା ସୂଚନା ରହିଛି।

# କୋଦଳା ୮ ନମ୍ବର ୱାର୍ଡରେ ସ୍ୱାସ୍ଥ୍ୟ ଶିବିର

**ବେଗୁନିଆପଡ଼ା,୨୨।୩**

କୋଦଳା ସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ସହରର ୮ ନମ୍ବର ୱାର୍ଡରେ ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଶିବିରକୁ ୱାର୍ଡ ସଭ୍ୟ ମଧୁସୂଦନ ଜେନା ଉଦଘାଟନ କରିଥିଲେ। ଶିବିରକୁ ଆଇଏମଟିଏସ୍‌ର କୋଡିନେଟର୍ ପ୍ରେମାନନ୍ଦ ସାମନ୍ତରା ପରିଚାଳନା କରିଥିବା ବେଳେ ଡାକ୍ତର ସୁରେଶ ଚନ୍ଦ୍ର ପାତ୍ର, ଫାର୍ମାସିଷ୍ଟ ଅକ୍ଷୟ କୁମାର ଜେନା, ଷ୍ଟାଫ୍ ନର୍ସ ଚନ୍ଦ୍ରମା ଦିଗାଲ, ଏଲ୍‌ଟି ଆରତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ କରିଥିଲେ। ସ୍ପେସିଆଲିଟି ଭାବେ ଫିଜିଓଥେରାପି ଡାକ୍ତର ଦେବାଶିଷ ପତି ଉପସ୍ଥିତ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ସ୍ଥାନୀୟ ଆଶା ଦିଦି, ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦାନ କରି ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ନବବର୍ଷ

**ଆସିକା/କବିସୂର୍ଯ୍ୟନଗର/ ଧରାକୋଟ,୨୨।୩(ଡି.ଏନ.ଏ.)**

ଆସିକା ବ୍ଲକ ପାଟଳିଗୁଡାସ୍ଥିତ ହନୁମାନ ମନ୍ଦିର ପରିସରରେ ବୁଧବାର ଆସିକା ନଗର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଡ. ପ୍ରଭାକର ସାହୁ ଯୋଗଦେଇ ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଘୁମୁସର ଜିଲା ସହ ସଂଘଚାଳକ ବିଶ୍ୱନାଥ ସେଠୀ, ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ସଦସ୍ୟ ଗୟାଚାନ୍ଦ ନାୟକ, ଆର୍.ଏସ୍.ଏସ୍. ନଗର କାର୍ଯ୍ୟବାହ ଶ୍ରୀନିବାସ ପାତ୍ର, ନଗର ବ୍ୟବସ୍ଥା ପ୍ରମୁଖ ନାଗେଶ୍ୱର ପାତ୍ର, ନଗର ସଭାପତି ବିମ୍ବାଧର ପାତ୍ର, ପ୍ରଦୀପ ପାତ୍ର, ନାରାୟଣ ରଥ ପ୍ରମୁଖ ନବବର୍ଷ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କବିସୂର୍ଯ୍ୟନଗରଠାରେ ରାଷ୍ଟ୍ରୀୟ ନବ ବର୍ଷ ତଥା ହିନ୍ଦୁ ନବବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ଉପସ୍ଥିତ ରହି ସହଯୋଗ କରିଥିଲେ। ଧରାକୋଟ ମୁଣ୍ଡମରାଇ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ରାଷ୍ଟ୍ରୀୟ ନବ ବର୍ଷ ଉତ୍ସବରେ ସମ୍ପାଦକ ଚିଦାନନ୍ଦ ପାତ୍ର ଓ ସମସ୍ତ ଗୁରୁଜୀ ଓ ଗୁରୁମା ଏବଂ ଶିଶୁମାନଙ୍କ ସହାୟତାରେ ମା' ସିଦ୍ଧ କୋଠାରିଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁମାନଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ଭାବେ ଭାଜପା ଓ.ବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ୬୦ ନ.ଜୋନର ଜିଲା ପରିଷଦ ସଭ୍ୟ ଗଦାଧର ସ୍ୱାଇଁ, ଅନୁଷ୍ଠାନର ସଭାପତି ରାମକୃଷ୍ଣ ସାହୁ, ସମ୍ପାଦକ ଚିଦାନନ୍ଦ ପାତ୍ର, ପ୍ରଧାନ ଆଚାର୍ଯ୍ୟ ନିତ୍ୟାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

**ରାୟଗଡ଼(ଗଜପତି)୨୨।୩**

ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର ବ୍ଲକ ସ୍ତରୀୟ ପରାମର୍ଶ ଶିବିର ବ୍ଲକ ସଦଭାବନା ସଭାଗୃହ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ବିଡିଓ ସୁଧୀର କୁମାର ସିଂ, ଏମପି ପ୍ରତିନିଧି ଅନ୍ତର୍ଯ୍ୟାମୀ ଗମାଙ୍ଗ, ଦକ୍ଷତା ବିକାଶର ଜିଲା ସଂଯୋଜକ କାର୍ତ୍ତିକ ମହାମାତ୍ର, ବିପିଏମ୍ ଲତିକା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ୫୦ ଶିକ୍ଷିତ ଯୁବକ ଯୁବତୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୩୭ଜଣ ପିଲା ନିଜ ଇଚ୍ଛା ମୁତାବକ ଟ୍ରେନିଂ ନେଇ ଚାକିରି କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି।

# ସମିତି ସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି।

**ବୁଗୁଡା,୨୨।୩(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତର୍ଗତ ଖୋଲଖାଲି ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ସମିତିସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖୋଲଖାଲି ସେବା ସମବାୟ ସମିତି ସଭାପତି ସମ୍ମତ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଆସିକା କେନ୍ଦ୍ରିୟ ସମବାୟ ବ୍ୟାଙ୍କ ଲିଃର ନିର୍ଦ୍ଦେଶକ ନନ୍ଦୀନି ଭୂୟାଁ, ସମ୍ମାନିତ ଅତିଥି ଭାବେ ଆସିକା ଟିନିଶିଳ୍ପର ଉପ ସଭାପତି ସ୍ନେହଲତା ଚଣ୍ଡ, ବୁଗୁଡା ଶାଖା ପରିଚାଳକ ଯୋଗେଶ ଚନ୍ଦ୍ରସାମନ୍ତରାୟ, ଜିଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା, ଖୋଲଖାଲି ସରପଞ୍ଚ ପ୍ରତିନିଧି ଉମାକାନ୍ତ ପାତ୍ର, ସମିତି ସଭ୍ୟା ପ୍ରତିନିଧି କାର୍ତ୍ତିକ ସାହାଣୀ, ଜାନକୀ ବଲ୍ଲଭ ରାଉତ ପ୍ରମୁଖ ଯୋଗଦେଇଥିଲେ। ପାଙ୍ଗିଡି ସେବା ସମବାୟ ସମିତି ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଖୋଲଖାଲି ସେବା ସମବାୟ ସମିତିର ସଂପାଦକ ଅଶ୍ୱିନୀ କୁମାର ଚଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ରମ୍ଭା,୨୨।୩**

ସନ୍ତୋଷପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବୁଧବାର ସପ୍ତମଶ୍ରେଣୀ ଶିକ୍ଷାର୍ଥୀଙ୍କୁ ପଞ୍ଚମ ଓ ଷଷ୍ଠ ଶ୍ରେଣୀ ଶିକ୍ଷାର୍ଥୀ ଓ ବିଦ୍ୟା ମନ୍ଦିର ପକ୍ଷରୁ ୨୨ତମ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ରମ୍ଭା ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ବନବାସୀ ସେଠୀ ଓ ନୀଳାଞ୍ଚଳ ସେନାପତି ଅତିଥି ଭାବେ ଯୋଗ ଦେଇଥିଲେ। ସପ୍ତମ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କୁ ବିବେକାନନ୍ଦ ଉତ୍ତମ ଶିକ୍ଷାର୍ଥୀ ସମ୍ମାନ-୨୩ ଦିଆଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀ ଦୀର୍ଘ ନଅ ବର୍ଷ ଧରି ଶିଶୁ ପ୍ରାରମ୍ଭରୁ ସପ୍ତମ ଶ୍ରେଣୀ ଯାଏ ଅଧ୍ୟୟନ କରି ଆସୁଥିବା ଶିକ୍ଷାର୍ଥୀଙ୍କ ସ୍ନେହ ଭଲପାଇବା, ଆଦେଶ ପାଳନ ନିଷ୍ଠା ଯୋଗୁ ପ୍ରତ୍ୟେକ ଶିକ୍ଷାର୍ଥୀ ବୃତ୍ତି, ମେଧା ବୃତ୍ତି ଓ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତିରେ ପୂର୍ଣ୍ଣ ସଫଳତା ଅର୍ଜନ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା।

# ବିଶ୍ୱ ଜଳ ଦିବସରେ ଜଳ ଅପଚୟ

**ଭଞ୍ଜନଗର, ୨୨।୩(ଡି.ଏନ୍.ଏ):**

ବିଶ୍ୱ ଜଳ ଦିବସ ବୁଧବାର ପାଳିତ ହୋଇଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜଳର ଅପଚୟକୁ ରୋକିବା ଏବଂ ବିଶୁଦ୍ଧ ପାଣି ବ୍ୟବହାର କରିବା। କିନ୍ତୁ ଭଞ୍ଜନଗର ସହରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସହରରେ ପାନୀୟଜଳ ବଣ୍ଟନ ବ୍ୟବସ୍ଥା ବିଗତ କିଛି ମାସ ହେବ ବିପର୍ଯ୍ୟସ୍ତ ହୋଇପଡିଛି। କେଉଁଠି ପାଣି ପାଇପ୍ ଫାଟି ରାସ୍ତା ଉପରେ ଭାସୁଛି ତ ଆଉ କେଉଁଠି ଫଟା ପାଇପ ଦେଇ ଡ୍ରେନର ମଇଳା ପାଣି ସହରକୁ ଆସୁଥିଛି। ଏନେଇ ଖୋଦ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଏବଂ ଅନ୍ୟ କର୍ମଚାରୀଙ୍କୁ ମଧ ଜଣାନାହିଁ। ଏ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭେଜିପୁଟ ମହାନ୍ତି ସାହି ଛକରେ ବିଗତ ୨ ମାସ ହେବ ପାଇପ ଫାଟି ରାସ୍ତାରେ ପାଣି ଭାସୁଥିଲା। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶିତ ପରେ ତାହାର ମରାମତି କରାଯାଇଛି। ଏହିଭଳି ଭଞ୍ଜନଗର ମେଡିକାଲ ସମ୍ମୁଖ ଗଳିରେ ଆଜକୁ ପ୍ରାୟ ୪୦ ଦିନ ହେବ ପାଇପ ଫାଟି ରାସ୍ତା ଉପରେ ପାଣି ଭାସୁଛି। ସାହି ବାସିନ୍ଦା ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ମଧ ଫଟା ପାଇପ ମରାମତି ହେଉନାହିଁ। ଉକ୍ତ ପାଇପ କାମ ଠିକାଦାର ପ୍ରାୟ ୨ ମାସ ପୂର୍ବେ କରିଥିଲେ। ଏହାପରେ ମାଟି ପୋତିବା କଥା ତାହା କରାଯାଇନାହିଁ। ତେଣୁ ପାଇପ ଫାଟି ପାଣି ଏଣେତେଣେ ଭାସୁଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଘରକୁ ପାଣି ଠିକ ଭାବେ ଆସୁନାହିଁ। ଏଥିସହ ମାସ ମାସ ଧରି ପାଣି ଏକ ଖାତରେ ରହିବା ଦ୍ୱାରା ଡେଙ୍ଗୁ ହେବାର ସମ୍ଭାବନା ରହିଛି।


ପାଇପ ଫାଟି ପାଣି ରାସ୍ତାରେ ଭରି ରହିଛି।

## ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାନାହିଁ

ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ମାଳସାହି ଅଞ୍ଚଳରେ କେଉଁଠି ପାଇପ ଫାଟି ଥିବା ଖବରକୁ ସେ ଖଣ୍ଡନ କରିଛନ୍ତି। ଏଥିସହ କେଉଁଠି ପାଇପ ପାଇଁ ମାଟି ଖୋଳା ହୋଇନାହିଁ ବୋଲି କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ୫ବ୍ଲକ୍‌ର ୨୫ଗାଁରେ ଜଳକଷ୍ଟ

## ଯାଜପୁର ଜିଲ୍ଲା

- ବାସ୍ତବତା ଭିନ୍ନ, ଶତାଧିକ ଗ୍ରାମରେ ମିଳୁନି ଆବଶ୍ୟକ ପାଣି
- ସିମେଣ୍ଟ କମ୍ପାନୀର ବେଆଇନ ଭୂତଳ ଜଳ ଉତ୍ତୋଳନ
- ହତାବାନ୍ଧି ବସିଛି ଜଳ ସମ୍ପଦ ବିଭାଗ

ଯାଜପୁର ଅଫିସ,୨୨।୩

ଯାଜପୁର ଜିଲାରେ ମାର୍ଚ୍ଚ ଶେଷ ନ ହଉଣୁ ଭୂତଳ ଜଳ ହ୍ରାସ ଚିନ୍ତାଜନକ ହୋଇଛି। ବିଶେଷକରି ଖଣି ଓ ଶିଳ୍ପାଞ୍ଚଳରେ ଏହି ସମସ୍ୟା ଗୁରୁତର ହେବାରେ ଲାଗିଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୂତଳ ଜଳ ବୃଦ୍ଧି ପାଇଁ ଛାତ, ରିଚାର୍ଜ ପିଟ ଆଦି ଯୋଜନା ହୋଇଥିଲେ ହେଁ ସେଗୁଡିକ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଗ୍ରୀଷ୍ମରେ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ ହେବେ ବୋଲି ମତପ୍ରକାଶ ପାଇଛି।

ଓଡ଼ିଶା ଷ୍ଟେଟ୍ ଲେବଲ କମିଟି(ଏସ୍‌ଏଲ୍‌ସି)ଫର ଏସେସ୍‌ମେଣ୍ଟ ଅଫ୍ ଗ୍ରାଉଣ୍ଡ ୱାଟର ରିସୋର୍ସ (ଜିଡବ୍ଲ୍ୟୁଆର୍‌ଏ)-୨୦୨୦ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଯାଜପୁର ଜିଲାର କୋରେଇ ବ୍ଲକ ସେମି କ୍ରିଟିକାଲ ସ୍ଥିତିରେ ରହିଛି। ହେଲେ ବାସ୍ତବରେ ଧର୍ମଶାଳା ବ୍ଲକ ହରିଦାସପୁର, ଯୋଗଡ଼ା, ମୁରାରିପୁର, ରଘୁନାଥପୁର, ଶ୍ରୀମତପୁର ଅଞ୍ଚଳରେ ଏବେଠାରୁ ଏକାଧିକ ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ଅଞ୍ଚଳରେ ଥିବା ଅତି ପ୍ରଦୂଷିତ ରାମ୍‌କୋ ସିମେଣ୍ଟ କାରଖାନା ବହୁ ସଂଖ୍ୟକ ବୋରୱେଲ ଖୋଳି ଭୂତଳ ଜଳ ବ୍ୟବହାର କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଯାଜପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ବରୀ, ଧର୍ମଶାଳା, ରସୁଲପୁର, କୋରେଇ ଓ ବଡ଼ଚଣା ବ୍ଲକର ୨୫ଟି ଗ୍ରାମରେ ଜଳ କ୍ଲିଷ୍ଟତା ରହିଛି।

ସୂଚନା ଅନୁଯାୟୀ, ୨୦୧୮ ଅଗଷ୍ଟରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ରାମ୍‌କୋକୁ କେବଳ ନିର୍ମାଣ ଏବଂ ପାନୀୟ ଜଳ ଉଦ୍ଦେଶ୍ୟରେ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ଏହି କମ୍ପାନୀ କାରଖାନା ଚଳାଇବାରେ ମଧ୍ୟ ଭୂତଳ ଜଳ ବ୍ୟବହାର କରୁଛି। ଫଳରେ ଆଖପାଖ ଗ୍ରାମବାସୀଙ୍କ ପାଇଁ ରାମ୍‌କୋ ଜଳକ୍ଲିଷ୍ଟତାର କାରଣ ସାଜିଥିବା ଅଭିଯୋଗ ହୋଇଛି। ଏଥିରେ ଜଣେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଅକୁଣ୍ଠ ସହଯୋଗ ରହିଥିବାରୁ ଏହି ସିମେଣ୍ଟ କାରଖାନାରେ ଭୂତଳ ଜଳ ଏଭଳି ଭାବେ ଚୋରି ହେଉଥିବା ଚର୍ଚ୍ଚା ହେଉଛି। ଏନେଇ ଅଞ୍ଚଳବାସୀ ଜିଲା ପ୍ରଶାସନ ନିକଟରେ ଏକାଧିକ ଥର ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ପାରୁନାହିଁ। ଚଳିତ ଗ୍ରୀଷ୍ମ ମାସ ଆରମ୍ଭରୁ ଉକ୍ତ ଅଞ୍ଚଳରେ ପିଇବା ପାଣି ଅଭାବ ଦେଖା ଦେଇଛି। ଅନ୍ୟପକ୍ଷେ ଆରଡବ୍ଲ୍ୟୁଏସଏସ୍ ରିପୋର୍ଟ ଅନୁସାରେ ଧର୍ମଶାଳା ବ୍ଲକର କୁମାରୀ, ଅଞ୍ଜିରା, ସାହାଣିଡିହ ଓ ନେଉଳପୁର ପଞ୍ଚାୟତରେ କେବଳ ଜଳ କ୍ଲିଷ୍ଟତା ରହିଛି ବୋଲି ଦର୍ଶାଯାଇଛି। ତେଣୁ ରାମ୍‌କୋ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭୂତଳ ଜଳ ବ୍ୟବହାରକୁ ଲୁଚାଇବାକୁ ଯାଇ ଏଭଳି ରିପୋର୍ଟ ପ୍ରସ୍ତୁତ ହୋଇଥିବା କୁହାଯାଇଛି। ଏହାବାଦ୍ ବରୀ ବ୍ଲକର ଅଲିଆବାଦ, ରାଉତସାହି, କମ୍ପଗଡ, ରସୁଲପୁର ବ୍ଲକର ନୂଆହାଟ, କୋରେଇ ବ୍ଲକର ଗୌଡପାଲ, ଗୋଦରପାଲ, ଓସ୍ତପାଲ, ପତରାକଣା, କୋରେଇଗାଡିଆ, ସନଲାକୋଲି, କୁଇରା, ପିମ୍ପଲ, କୋଗାଁଓ, କାଦୁଅପାଲ, ରାଉତପଡା ଉପସରସାହି ଓ ମୋଦଲା, ବଡଚଣା ବ୍ଲକର ତରାଗୋଠ, ଚକ୍ରଧରପୁର, ବଲାଙ୍କିଆ ଆଦି ଜନବସତି ପିଇବା ପାଣି ସମସ୍ୟାରେ ରହିଛନ୍ତି। ତେବେ ଦଶରଥପୁର, ଯାଜପୁର, ବିଞ୍ଝାରପୁର, ସୁକିନ୍ଦା ଓ ଦାନଗଦି ବ୍ଲକର କୌଣସି ଅଞ୍ଚଳ ଜଳ କ୍ଲିଷ୍ଟତାରେ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଭୂତଳ ଜଳ ବିକାଶ ନିର୍ଦ୍ଦେଶାଳୟର ଭୂବିଜ୍ଞାନୀମାନେ ଅଧ୍ୟୟନ ଦ୍ୱାରା ଖଣି ଏବଂ ଶିଳ୍ପାୟନ ହେତୁ ଭୂତଳ ଜଳ ହ୍ରାସର କାରଣ ଅନୁମାନ କରିବେ। ଯଦି ଭୂତଳ ଜଳ ହ୍ରାସ ପାଇଥିବାର ଦେଖାଯାଏ, ତେବେ ପ୍ରଭାବିତ ଲୋକଙ୍କୁ ବିକଳ୍ପ ପାନୀୟ ଜଳ ଉତ୍ସ ଯୋଗାଇ ଦେବାକୁ ସମ୍ପୃକ୍ତ ଖଣି ଓ ଶିଳ୍ପ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ। ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଗ୍ରାଉଣ୍ଡ ୱାଟର ରେଗୁଲେଶନ, ଡେଭଲପମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ନିୟମ-୨୦୨୦ର ବିଭିନ୍ନ ଧାରା ଉପରେ ହୋଇଥିବା ବୈଠକରେ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। ହେଲେ ଏହି ନିଷ୍ପତ୍ତି ଏଯାଏ ଯାଜପୁର ଜିଲାରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ବରଂ ବେଆଇନ ଭାବେ ଭୂତଳ ଜଳ ଶୋଷିବାକୁ ରାମ୍‌କୋ ଭଳି କମ୍ପାନୀକୁ ଆହୁରି ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡେଇଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁଠୁ ରିପୋର୍ଟ ଆସିଛି ତଦନୁସାରେ ଜିଲାପାଳଙ୍କୁ ଆବଶ୍ୟକ ଜଳ ଯୋଗାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ପରବର୍ତ୍ତୀ ରିପୋର୍ଟ ଅନୁଯାୟୀ ପୁଣି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।


କୋରେଇ ବ୍ଲକ କରମା ଗ୍ରାମବାସୀ କୂଅରୁ ପାଣି ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### ମଝିପଡ଼ା ନିଲମ୍ବିତ ପିଇଓଙ୍କ ନାମରେ ଏତଲା ନିର୍ଦ୍ଦେଶ

ଚଣ୍ଡିଖୋଲ,୨୨।୩(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତର ନିଲମ୍ବିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ପ୍ରଶାନ୍ତ ଜେନାଙ୍କୁ ସରକାରୀ ଅର୍ଥ ହେରଫେର ଘଟଣାରେ ଯାଜପୁର ଜିଲାପାଳ ଗତ ସୋମବାର ନିଲମ୍ବିତ କରିଥିଲେ। ବୁଧବାର ଜିଲାପାଳ ପତ୍ର ସଂଖ୍ୟା ୩୭୫ରେ ସ୍ଥାନୀୟ ଥାନାରେ ପ୍ରଶାନ୍ତଙ୍କ ବିରୋଧରେ ଏତଲା ପ୍ରଦାନ କରିବାକୁ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଅବହେଳା ଓ ସରକାରୀ ଟଙ୍କା ହେରଫେର କରିଥିବା ଯୋଗୁ ତାଙ୍କ ନାମରେ ଏତଲା ଦିଆଯିବ ବୋଲି ସୂଚନା ମିଳିଛି। ପ୍ରଶାନ୍ତ ମଝିପଡ଼ା ପଞ୍ଚାୟତର ପାନୀୟ ଜଳ ଯୋଗାଣ ନାମରେ ଗତ ସେପ୍ଟେମ୍ବରରେ ପଞ୍ଚାୟତ ଆକାଉଣ୍ଟରୁ ୨ଲକ୍ଷ ୪୨ ହଜାର ୧୧୭ ଟଙ୍କା ଉଠାଣ କରିଥିଲେ। ସରପଞ୍ଚ ଶୋଭା ବଜ୍ର କବାଟଙ୍କ ଦସ୍ତଖତ ଜାଲ କରି ସେ ଟଙ୍କା ଉଠାଇଥିଲେ। ଏକଥା ଜାଣିବା ପରେ ମାର୍ଚ୍ଚ ୬ ତାରିଖରେ ସରପଞ୍ଚ ବଡ଼ଚଣା ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ବଡ଼ଚଣା ଥାନାରେ ଜବତ ଗାଡ଼ି ନିଲାମ ହେବ

ଚଣ୍ଡିଖୋଲ,୨୨।୩(ଡି.ଏନ.ଏ.): ବଡ଼ଚଣା ଥାନାରେ ଦୁର୍ଘଟଣାଗ୍ରସ୍ତ ଓ ଜବତ ଗାଡ଼ିଗୁଡ଼ିକ ପଡ଼ି ଖତ ଖାଉଛି। ତେଣୁ ପୋଲିସ ପକ୍ଷରୁ କୁହାଯାଇଛି ଯେଉଁ ଗାଡ଼ିଗୁଡ଼ିକ ରହିଛି ଏହାର ମାଲିକମାନେ ନିଜନିଜର ଗାଡ଼ି କାଗଜପତ୍ର ଦେଖାଇ ଯଦି ନ ନେବେ ସେଗୁଡିକ ନିଲାମ କରି ଦିଆଯିବ। ସେଥିମଧ୍ୟରେ ୮୩ ଦୁଇ ଚକିଆ ଗାଡ଼ିଥିବାବେଳେ ୭ ୪ ଚକିଆ ଗାଡ଼ି ରହିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସୁରଜ ଖାଁ ସୂଚନା ଦେଇଛନ୍ତି।

### ୩ ବଖରା ଜଳିଗଲା



ସିଂହପୁର,୨୨।୩(ଡି.ଏନ.ଏ.): ବିଞ୍ଝାରପୁର ତହସିଲ ଅନ୍ତର୍ଗତ ରାହସ ଗୁହାଳୀ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁରେଶ ସାମଲ, ରାଜେନ୍ଦ୍ର ସାମଲ ଓ ସତ୍ୟବ୍ରତ ସାମଲଙ୍କ ୩ ବଖରା ଘର ଜଳି ପାଉଁଶ ହୋଇଯାଇଛି। ପରିବାର ଲୋକେ ଶୋଇଥିବାବେଳେ ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଘରର ସମସ୍ତ ଆସବାବ ପତ୍ର ପୋଡି ଯାଇଥିଲା। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ସବୁକିଛି ନଷ୍ଟ ହୋଇ ସାରିଥିଲା। ଏହି ଅଗ୍ନିକାଣ୍ଡରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ରାଜସ୍ୱ ବିଭାଗ କର୍ମଚାରୀ କ୍ଷୟକ୍ଷତି ଆକଳନ କରିବା ସହ ବିପନ୍ନଙ୍କୁ ପାଲ ପ୍ରଦାନ କରିଛନ୍ତି। ବାସହରା ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଠିକାଦାରଙ୍କୁ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କ ମାଡ଼

ଧର୍ମଶାଳା,୨୨।୩(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ନୂଆଗାଁର ବିଦ୍ୟୁତ୍ ବିଭାଗ ଠିକାଦାରଙ୍କୁ ଚଣ୍ଡିଖୋଲ ଗ୍ରୀଡ୍ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ଗାଳିଗୁଲଜ କରିବା ସହ ମାଡ଼ମାରିବା ନେଇ ଥାନାରେ ଅଭିଯୋଗ ହୋଇଛି। ମାଡ଼ଖାଇଥିବା ଠିକାଦାର ପ୍ରକାଶ ନାୟକଙ୍କ ବୋହୂ ସରମା ନାୟକ ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ଏକ କାର୍ଯ୍ୟ ସମ୍ପର୍କରେ ଚଣ୍ଡିଖୋଲ ଗ୍ରୀଡ୍‌ର ସହକାରୀ ଯନ୍ତ୍ରୀ ଡିଭାଇନ ଦାସଙ୍କ ସହିତ ଆଲୋଚନା କରିବାକୁ ଯାଇଥିଲେ। ଆଲୋଚନା ସମୟରେ ସହକାରୀ ଯନ୍ତ୍ରୀ ସେଠାରେ ମଦ୍ୟପାନ କରିଥିଲେ। ପରେ ସେ ଠିକାଦାର ନାୟକଙ୍କୁ ମଦ୍ୟପାନ କରିବାକୁ ବାଧ୍ୟ କରିଥିଲେ। ହେଲେ ଠିକାଦାର ମଦ୍ୟପାନ କରିବାକୁ ମନା କରିବାରୁ ଯନ୍ତ୍ରୀ ତାଙ୍କର ସମସ୍ତ ପ୍ରକାର କାଗଜପତ୍ର ଚିରି ଦେଇଥିଲେ। ଠିକାଦାର ଏହାର ପ୍ରତିବାଦ କରିବାରୁ ଯନ୍ତ୍ରୀ ତାଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ପରେ ଠିକାଦାରଙ୍କୁ ଗ୍ରୀଡ୍‌ର ସିକ୍ୟୁରିଟି ମାଡ଼ ମାରି ତାଙ୍କ ନିକଟରେ ଥିବା ୫ହଜାର ଟଙ୍କା ଓ ସେ ପିନ୍ଧିଥିବା ଏକ ସୁନା ଚେନକୁ ଛଡ଼ାଇ ନେଇଥିଲେ। ଅଭିଯୋଗକୁ ଭିତ୍ତିକରି ବଡ଼ଚଣା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାକୁ ଯାଜପୁର ବିଦ୍ୟୁତ୍ ବିଭାଗ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଫୋନ୍‌ଦ୍ୱାରା ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ପାରି ନ ଥିଲା।

## ରକ୍ତତୀର୍ଥରେ ଶହୀଦ ଦିବସ ପାଳନ ପାଇଁ ବାଟ ଫିଟୁଛି

- ୨୮ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହେବ ବୈଠକ
- ଉପସ୍ଥିତ ପାଇଁ ବରୀ ବିଧାୟିକା, ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଚିଠି

ବରୀ,୨୨।୩(ଡି.ଏନ.ଏ.):

ବରୀ ବ୍ଲକ୍ ଅଧୀନ ରକ୍ତତୀର୍ଥ କଳାମାଟିଆରେ ସରକାରୀସ୍ତରରେ ଶହୀଦ ଦିବସ ପାଳନ ପାଇଁ ବାଟ ଫିଟୁଛି। ଉକ୍ତ ସ୍ଥାନର ଉନ୍ନତିକରଣ ଓ ଶହୀଦ ଦିବସ ପାଳନ ନିମନ୍ତେ ବିଧାୟିକା ସୁନନ୍ଦା ଦାସ ବିଧାନସଭାରେ ପ୍ରଶ୍ନ ଉଠାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏନେଇ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପତ୍ର ସଂଖ୍ୟା ୩୮୯୦ତା: ୧୮। ୦୩।୨୦୨୩ ଅନୁଯାୟୀ ଏକ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୮ ତାରିଖରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହେବାକୁ ଥିବା ବୈଠକରେ ଉପସ୍ଥିତ ରହିବା ପାଇଁ ବିଧାୟିକା ଦାସ, ଯାଜପୁର ଜିଲାପାଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଓ ଯାଜପୁର ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।



୧୯୪୨ ମସିହା ଅଗଷ୍ଟ ୨୬ ଗନ୍ଧା ପୁନେଇଁରେ ବ୍ରିଟିଶମାନଙ୍କ ବିରୋଧରେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ବରୀ ଅଞ୍ଚଳର ସାଉଁଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ କଳାମାଟିଆଠାରେ ଶହୀଦ ହୋଇଥିଲେ। ଉକ୍ତ ସ୍ଥାନଟି ଶହୀଦ ପୀଠ ମାନ୍ୟତା ପାଇଥିଲେ ମଧ୍ୟ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଥିଲା। ମାତ୍ର ବରୀ ମାଟିର ଝିଅ ସୁନନ୍ଦା ବିଧାୟିକା ହେବା ପରେ ରକ୍ତତୀର୍ଥର ଉନ୍ନତି ପାଇଁ ଅଣ୍ଟା ଭିଡ଼ିଥିଲେ। ବରୀ ଅଞ୍ଚଳ ତରଫରୁ ଏଠାରେ ଶହୀଦ ଦିବସ ପାଳନ କରାଯାଉଥିବାବେଳେ ସରକାରଙ୍କ ତରଫରୁ କୌଣସି କାର୍ଯ୍ୟକ୍ରମ କରାଯାଉନାହିଁ। ଏବେ ସରକାରୀସ୍ତରରେ ଶହୀଦ ଦିବସ ପାଳନ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ବିଧାୟିକାଙ୍କ ଉଦ୍ୟମ ଫଳରେ ଏହା ଫଳପ୍ରଦ ହେବାକୁ ଯାଉଥିବାରୁ ଶିକ୍ଷାବିତ୍ ଗୋପବନ୍ଧୁ ଦାସ, କର୍ଣ୍ଣଚନ୍ଦ୍ର ଘଡ଼େଇ, ଡ. ନୃସିଂହ ଚରଣ ବେହେରା, ଶିକ୍ଷାବିତ ବୃନ୍ଦାବନ ସାମଲ, କୁଞ୍ଜ ବିହାରୀ ଦାଶ, ମୁକୁନ୍ଦ ସାମଲ, ପ୍ରମୋଦ ସାମଲ, ସରପଞ୍ଚ ରଶ୍ମିତା ପରିଡା, ସମିତିସଭ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତିଙ୍କ ସମେତ ବରୀ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ ଏବଂ ଜନସାଧାରଣ ବିଧାୟିକାଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି।

## କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ ପହଞ୍ଚି ପାରିଲାନି ପ୍ରଶାସନ

### ଅଦିନିଆ ବର୍ଷାରେ ଉଜୁଡ଼ିଲା ଫସଲ

ବାଲିଚନ୍ଦ୍ରପୁର,୨୨।୩(ସ୍ୱ.ପ୍ର.)

ଅଦିନିଆ ଝଡ଼ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟିପାତରେ ବଡ଼ଚଣା ଅଞ୍ଚଳର ବହୁ ପଞ୍ଚାୟତର ଫସଲ କ୍ଷତିଗ୍ରସ୍ତ ହୋଇଛି। ଚାଷ ଜମି ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ବହୁ ଆଜବେଷ୍ଟ ଘର ଭାଙ୍ଗିଯାଇଛି। ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କ ପାଖରେ ପ୍ରଶାସନ ପହଞ୍ଚି ନ ଥିବା ଅଭିଯୋଗ ହେଉଛି। ବ୍ଲକର ଅଣକା, ମାଣ୍ଡୁକା, ବାଲିଚନ୍ଦ୍ରପୁର, ଚାରିନଙ୍ଗଳ, ଗୋପାଳପୁର ଆଦି ପଞ୍ଚାୟତର ଲୋକେ ଏପରି ଅଭିଯୋଗ କରିବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ପଚାରିବାରେ ସେ କୁହନ୍ତି, ଆମେ କ୍ଷେତ୍ର ପରିଦର୍ଶନ କରି ଦେଖିଛୁ, ପ୍ରକୃତରେ କ୍ଷତି ହୋଇଛି। ଏକ ଆନୁମାନିକ ରିପୋର୍ଟ ଏସଆର୍‌ସିଙ୍କୁ ଦେଇଛୁ। ଯୁଦ୍ଧକାଳୀନ ଭିତରେ ତଦନ୍ତ ପାଇଁ ଆର୍‌ଆଇମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କ ପାଖରେ ପ୍ରଶାସନ ପହଞ୍ଚିନାହିଁ, ସେମାନଙ୍କ ପାଖରେ ନିଶ୍ଚୟ ପହଞ୍ଚିବ। ତଦନ୍ତ ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରାଯିବ।

## ବେଆଇନ କ୍ରଶରରେ ଚଢ଼ାଉ, ଜରିମାନା ଆଦାୟ ନୋଟିସ



ଏକ କ୍ରଶରକୁ ଯାଜପୁର ଉପଜିଲାପାଳ ତନଖି କରୁଛନ୍ତି।

ଧର୍ମଶାଳା/ଜେନାପୁର, ୨୨।୩(ଡି.ଏନ.ଏ.):

ଧର୍ମଶାଳା ତହସିଲ ପକ୍ଷରୁ ବୁଧବାର ବିଛାଖଣ୍ଡି ଓ ଚକ୍ରଧରପୁର ମୌଜାରେ ଥିବା ୨୧ କ୍ରଶର ଉପରେ ଚଢ଼ାଉ କରାଯାଇଛି। ଏହି ସମୟରେ କ୍ରଶରରେ ଗଚ୍ଛିତ ଥିବା କଳାପଥରର ୱାଇ ଫର୍ମ ଦେଖାଇ ପାରି ନ ଥିବାରୁ ତହସିଲ ପକ୍ଷରୁ ୨୧ କ୍ରଶରକୁ ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା କରାଯାଇଛି। ଯାଜପୁର ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ନେତୃତ୍ୱରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ତପନ କୁମାର ମଲିକ, ଆର୍‌ଆଇ ଚନ୍ଦନ କୁମାର ସାହୁ, ସୁଶାନ୍ତ କୁମାର ସ୍ୱାଇଁ, ବିରଞ୍ଚି ବୋଇତେଇ ପ୍ରମୁଖ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହାୟତାରେ ଚଢ଼ାଉ କରିଥିଲେ। ବିଛାଖଣ୍ଡି ଓ ଚକ୍ରଧରପୁର ମୌଜାରେ ଥିବା ଶିବଶକ୍ତି, ବାବାମଣି, ଏସ୍‌ଏନ୍‌ଷ୍ଟୋନ, କଳିଙ୍ଗ, ବାଘୁତିଦେବୀ, ଅମ୍ବିକା, ଜୟଜଗନ୍ନାଥ, ଜନନୀ, ଜୟଗୁରୁ ପ୍ରମୁଖ କ୍ରସରରେ ଚଢ଼ାଉ କରାଯାଇ ଜରିମାନା ଦେବାକୁ ନୋଟିସ କରାଯାଇଛି। ନୋଟିସ ମୁତାବକ, ଆସନ୍ତା ୨୪ ତାରିଖ ସୁଦ୍ଧା ଜରିମାନା ଅର୍ଥ ପାଇଠ ନ କଲେ ଆଇନ ଅନୁଯାୟୀ ତହସିଲ ପକ୍ଷରୁ ସମ୍ପୃକ୍ତ କ୍ରସରମାଲିକମାନଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯିବ ବୋଲି ତହସିଲଦାର ଦାସ ସୂଚନା ଦେଇଛନ୍ତି।

## କ୍ଷତିଗ୍ରସ୍ତ ଗ୍ରାମ ବୁଲିଲେ ବିଧାୟକ, ପ୍ରଶାସନିକ ଅଧିକାରୀ

ଚଣ୍ଡିଖୋଲ,୨୨।୩(ଡି.ଏନ.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତରେ ଗତ ସୋମବାର ହୋଇଥିବା କୁଆପଥର ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏ ସମ୍ପର୍କରେ ଜାଣିବା ପରେ ବୁଧବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରଶାସନିକ ଅଧିକାରୀମାନଙ୍କୁ ଧରି ବ୍ଲକ୍ ଅଞ୍ଚଳର ଭାକୁଡ଼, ଦୌଲତପୁର, ଅଣକା, ମହିପୁର, ରାହାଳ ଓ ମାଣ୍ଡୁକା ଆଦି ଗ୍ରାମ ପରିକ୍ରମା କରି ନଷ୍ଟ ହୋଇଥିବା ଆଜବେଷ୍ଟସ ଓ ଚାଳ ଛପର ଘର ଦେଖିଥିଲେ। ଏଥିସହିତ କେତେକ ସ୍ଥାନରେ ପରିବା ଓ ଧାନ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ପାଇଥିଲେ। ବିଧାୟକଙ୍କ ସହ ଯାଜପୁର ଉପଜିଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ, ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ର, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି, ସମରେନ୍ଦ୍ର ମହାପାତ୍ର, ଅନନ୍ତ ସିଂହ, ପ୍ରଦୀପ କୁମାର ସାହୁ, ସମିତିସଭ୍ୟ ରଶ୍ମିତା ସ୍ୱାଇଁ, ମିନତି ଦଳେଇ ଓ ସରପଞ୍ଚ ପ୍ରଭାସିନୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ବିଧାୟକ ସମସ୍ତ ପଞ୍ଚାୟତ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବାକୁ ରାଜସ୍ୱ ଓ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।


ବିଧାୟକ ଓ ପ୍ରଶାସନିକ ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଯାଉଛନ୍ତି।

## ଗଣମାଧ୍ୟମ ସହଯୋଗ ବିନା ବିକାଶ ଅସମ୍ଭବ: ମନ୍ତ୍ରୀ

### ସୁକିନ୍ଦା ପ୍ରେସ୍ କ୍ଲବର ୨୨ତମ ବାର୍ଷିକ ଉତ୍ସବ

କାଳିଅପାଣି,୨୨।୩(ଡି.ଏନ.ଏ):

ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସକାରାତ୍ମକ ହେଉ କିମ୍ବା ନକାରାତ୍ମକ ଗଣମାଧ୍ୟମର ପ୍ରତ୍ୟେକ ଖବରର ଗୁରୁତ୍ୱ ରହିଥାଏ। ଗଣତନ୍ତ୍ରରେ ଗଣମାଧ୍ୟମର ବିନା ସହଯୋଗରେ କୌଣସି ବିକାଶ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ସୁକିନ୍ଦା ପ୍ରେସ୍ କ୍ଲବର ୨୨ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କଲରଙ୍ଗଅତା ଟାଟାଷ୍ଟିଲ୍ କାଟେପୂର୍ତ୍ତି ଅଡିଟୋରିୟମ ପରିସରରେ ପେସ୍ କ୍ଲବ ସଭାପତି ବିଶ୍ୱଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକଙ୍କ ପାଇଁ ଥିବା ୨ଲକ୍ଷ ବୀମା ରାଶିକୁ ତୁରନ୍ତ ୫ଲକ୍ଷ କରିବାକୁ ଦାବି କରିଥିଲେ। ଏକ ପ୍ରେସ ଏକାଡେମୀ ଗଠନ କରିବାକୁ ମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ। ଟାଟାଷ୍ଟିଲ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସିଡିଜା ଅତିଥିଭାବ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ବିକାଶରେ ସୁକିନ୍ଦା ପ୍ରେସ୍ କ୍ଲବର ବହୁ ଅବଦାନ ରହୁଥିବା ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ବେଣୁଧର ପଣ୍ଡା, ସାମ୍ବାଦିକ କୈଳାଶ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ସୁକିନ୍ଦା ବିଡିଓ ଏବଂ ଯାଜପୁର ଜିଲା ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରହି ସୁକିନ୍ଦା ଅଞ୍ଚଳ ଲୋକଙ୍କ ବିକାଶ ପାଇଁ କାର୍ଯ୍ୟ କରିଥିବା ମନୋଜ ବେହେରାଙ୍କୁ 'ସୁକିନ୍ଦା ବନ୍ଧୁ' ୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରଜ କୁଇନ୍, ରଜ ସୁନ୍ଦରୀ ଓ ଜି ସାର୍ଥକର ଓଡ଼ିଆ ସରିୟଲ 'ସୁନା ଝିଅ'ରେ ଅଭିନୟ କରି ସୁକିନ୍ଦା ଅଞ୍ଚଳ ପାଇଁ ଗୌରବ ଆଣିଥିବା ଅଭିନେତ୍ରୀ ଶ୍ରାବଣୀ ନାୟକଙ୍କୁ 'ସୁକିନ୍ଦା ଗୌରବ'୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଖଣି ଅଞ୍ଚଳ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା।

ଟାଟାଷ୍ଟିଲ୍ ଖଣିର ବରିଷ୍ଠ ମହାପ୍ରବନ୍ଧକ ସୁଶାନ୍ତ ମିଶ୍ର, ଓଡ଼ିଶା ଖଣି ନିଗମର ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟ, ଇମ୍ଫାର ମିଲନ କର, ଫେକର ବେଦାନ୍ତର ଅଜୟ ପାତ୍ର, ଜିନ୍ଦଲର ରୋମ୍ୟରଞ୍ଜନ ରାୟ, ଜିସି ମହାନ୍ତ ଆଣ୍ଡ ସନସ୍‌ର ପ୍ରାଣକୃଷ୍ଣ ମହାନ୍ତ, ନାରାୟଣୀ ଆଣ୍ଡ ସନ୍ସ ଓ ଓଡ଼ିଶା ମୋଟରର୍ସ ଆଦିର ପ୍ରତିନିଧିମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। କ୍ଲବ୍ ପ୍ରତିଷ୍ଠାତା ସଭ୍ୟ ଜୟନାରାୟଣ ମହାପାତ୍ର, ଉପଦେଷ୍ଟା ପ୍ରଶାନ୍ତ ପାତ୍ର, ଶ୍ରୀନାଥ ଜେନା ପ୍ରମୁଖଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲା ପରିଷଦ ସଭ୍ୟା ଜେମା ଚାକ୍ଷୀ ଓ ପ୍ରତାପ ପଟ୍ଟନାୟକ ଉପସ୍ଥିତ ଥିଲେ। କ୍ଲବ ସମ୍ପାଦକ ନୀଳମାଧବ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭ୍ୟ ମନୋଜ ନାୟକ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। କ୍ଲବ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ସଂଗଠନ ସମ୍ପାଦକ ସତ୍ୟଜିତ୍ ଦାଶ, ସୁଭାଷ ଧଳ, ଅସିତ୍ ମହାନ୍ତ, ଲମ୍ବୋଧର ଦଳବେହେରା, ସରୋଜ ନାୟକ, ସଞ୍ଜୀବ ମହାନ୍ତ, ବିକାଶ ନାୟକ ଓ ମଧୁସୂଦନ ବାରିକଙ୍କ ସମେତ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, କୋରାପୁଟର ବାସୁଦେବ ବରାଡ଼ ଓ ବୈଦ୍ୟୁତିକ ଗଣମାଧମର ପ୍ରକାଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅତିଥି କ୍ଲବର ପ୍ରତିକା ସୁବର୍ଣ୍ଣାକୁ ଉନ୍ମୋଚନ କରିଥିଲେ।



ଅତିଥି କ୍ଲବର ପ୍ରତିକା ସୁବର୍ଣ୍ଣାକୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ତ୍ରୈମାସିକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର ଅଫିସ, ୨୨।୩:** ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ଏପ୍ରିଲରୁ ଜୁନ୍ ମାସ ନିମନ୍ତେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଓ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏପ୍ରିଲ୍ ୩ରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ଏପ୍ରିଲ୍ ୧୦ରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଏପ୍ରିଲ୍ ୧୭ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଏପ୍ରିଲ୍ ୨୪ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମେ ୧ରେ ବିରିଡି ବ୍ଲକ କାର୍ଯ୍ୟାଳୟ, ମେ ୮ ରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ମେ ୧୫ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ମେ ୨୨ରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଓ ମେ ୨୯ରେ ଏରସମା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଜୁନ୍ ୫ରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ, ଜୁନ୍ ୧୨ରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଜୁନ୍ ୧୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜୁନ ୨୬ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ, ଉପଜିଲାପାଳ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଜାତୀୟ ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ 'ଅପେକ୍ଷାରେ ରାମଚନ୍ଦ୍ର'

**ପାରାଦୀପ,୨୨।୩(ସ୍ୱ.ପ୍ର.):** ପାରାଦୀପର ଜୟଦେବ ଭବନରେ କାନମାସ୍ ପକ୍ଷରୁ ଚାଲିଥିବା ଜାତୀୟ ନାଟ୍ୟ ମହୋତ୍ସବ ବୁଧବାର ୪ର୍ଥ ସନ୍ଧ୍ୟାରେ ଓଡ଼ିଆ ନାଟକ 'ଅପେକ୍ଷାରେ ରାମଚନ୍ଦ୍ର' ମଞ୍ଚସ୍ଥ ହୋଇଛି। ଭୁବନେଶ୍ୱର ବାଗଦେବୀ ଅନୁଷ୍ଠାନ ପକ୍ଷରୁ ପ୍ରଯୋଜିତ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଏବଂ ପ୍ରବୋଧ କୁମାର ରଥଙ୍କ ନିର୍ଦ୍ଦେଶିତ ଅପେକ୍ଷାରେ ରାମଚନ୍ଦ୍ର ନାଟକରେ ରାମାୟଣ ଚିତ୍ର କଥା ଦର୍ଶାଯାଇଛି। ରାବଣ ମହାଜ୍ଞାନୀ ଥିଲେ। ସେ ରାମଚନ୍ଦ୍ରଙ୍କୁ ସାକ୍ଷାତ କରିବା ପାଇଁ କିପରି ଯୁଦ୍ଧ ରଚନା କରିଥିଲେ ତାକୁ କଳାକାରମାନେ ଅଭିନୟ ଦ୍ୱାରା ଦର୍ଶାଇଥିଲେ। ଏହି ସନ୍ଧ୍ୟାରେ ନାଟ୍ୟକାର ମନୋଜ ପଟ୍ଟନାୟକ, କୁଜଙ୍ଗ ତହସିଲଦାର ପ୍ରିତିପର୍ଣ୍ଣା ମିଶ୍ର, ସିଏମ୍‌ଓ ଡା. ପ୍ରହ୍ଲାଦ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ।

# ରାସ୍ତା ଉଚ୍ଛେଦ କରିବାକୁ ଯାଇ ତହସିଲଦାର ହଟହଟା

**ବାଲିକୁଦା,୨୨।୩(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ତହସିଲ ପ୍ରଶାସନ ଶ୍ମଶାନ ଓ ଗୋଚରରେ ନିର୍ମାଣ କରାଯାଇଥିବା ବେଆଇନ ରାସ୍ତାକୁ ବୁଧବାର ଜେସିବି ଲଗାଇ ତାଡ଼ିଛି। ତେବେ ଏହି ଜବରଦଖଲ ଓ ବେଆଇନ ନିର୍ମାଣକୁ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ପୋଲିସ ଅଭାବ ଦର୍ଶାଇ ଏହାକୁ ସ୍ଥଗିତ ରଖାଯିବାକୁ ନେଇ ଗ୍ରାମବାସୀଙ୍କ ନିକଟରେ ବାଲିକୁଦା ତହସିଲଦାରଙ୍କୁ ହଟହଟା ହେବାକୁ ପଡିଛି। ତହସିଦାରଙ୍କ ସରକାରୀ ଗାଡ଼ିକୁ ଅଞ୍ଚଳବାସୀ ଅଟକାଇ ରଖିବା ପରେ ପୋଲିସ, ଜନସାଧାରଣ ଓ ତହସିଲଦାରଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ପରେ ପୁଣି ସେହି ନିର୍ମିତ ବିବାଦୀୟ ରାସ୍ତାକୁ ଉଚ୍ଛେଦ କରାଯାଇଥିଲା।

ପ୍ରକାଶ ଯେ, ସରକାରୀ ଜାଗାକୁ ଜବରଦଖଲ କରି ବୋରିକିନା ମୌଜାର ଗାଁ କୈଳାସ ବାରିକ ଶ୍ମଶାନ ଓ ଗୋଚର କିସମ ଜମିରେ ବେଆଇନ ରାସ୍ତା ନିର୍ମାଣ କରିଥିଲେ। ଯାହାକୁ ଗ୍ରାମବାସୀ ବିରୋଧ କରୁଥିଲେ। ଏହା ମୂଳରେ ମଦ ଦୋକାନ




ବେଆଇନ ରାସ୍ତାକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଉଚ୍ଛେଦ କରାଯାଉଛି । ଫେରି ଯାଉଥିବା ତହସିଲଦାରଙ୍କୁ ଗ୍ରାମବାସୀ ଅଟକାଇଛନ୍ତି।

### ଶ୍ମଶାନ, ଗୋଚର ଜମିରେ ବେଆଇନ ରାସ୍ତା

ଖୋଲିବା ଲକ୍ଷ୍ୟ ହିଁ ରହିଥିଲା। କୌଣସି ପ୍ରକାରେ ନିଜ ଗାଁ ପରିସୀମାରେ ମଦ ଦୋକାନ ଖୋଲାଇ ନ ଦେବାକୁ ଅଡ଼ି ବସି ଗାଁର ଶ୍ମଶାନ ଓ ଗୋଚରରେ ବେଆଇନ ଭାବେ ନିର୍ମାଣ ହୋଇଥିବା ମୋରମ ରାସ୍ତାକୁ ଉଚ୍ଛେଦ କରି ଅବରୋଧ ମୁକ୍ତ କରିବାକୁ ଫେବୃୟାରୀ ୧୦ରେ ତହସିଲଦାରଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେବାରୁ ମାର୍ଚ୍ଚ ୧୩ରେ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ପରେ ଗତ ୧୬ ତାରିଖରେ ଏହାର ତଦନ୍ତ କରାଯାଇଥିଲା। ବୁଧବାର ଏହାର ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ତହସିଲଦାର ଅଂଶୁମାନ ଶତପଥୀ, ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ରାଜସ୍ୱ ପରିଦର୍ଶକ ମନୋଜ ବେହେରା, ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ସେଠୀଙ୍କ ସମେତ ଅମିନ ଓ ବାଲିକୁଦା ପୋଲିସ ଜବରଦଖଲ ଉଚ୍ଛେଦ ପାଇଁ ଜେସିବି ଧରି ଘଟଣାସ୍ଥଳରେ ପହଞ୍ଚି ଥିଲେ। ତେବେ ଆବଶ୍ୟକ ପୋଲିସ ନ ଥିବାରୁ ଓ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ତହସିଲଦାର ଶତପଥୀ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଗାଁ ଲୋକଙ୍କୁ କହିଥିଲେ। ଘଟଣାସ୍ଥଳରୁ ପୋଲିସ ଫେରି ଯାଇଥିବା ବେଳେ ଜେସିବିକୁ ମଧ୍ୟ ଫେରାଇ ଦିଆଯାଇଥିଲା। ହେଲେ ଏଥିରେ କୌଣସି ପ୍ରକାରେ ଗ୍ରାମବାସୀ ରାଜି ହୋଇ ନ ଥିଲେ। ତହସିଲଦାର ଜେସିବିକୁ ଫେରାଇ ଦେବାରୁ ଗାଁ ଲୋକେ ତହସିଲଦାରଙ୍କ ସରକାରୀ ଗାଡ଼ିକୁ ନ ଛାଡ଼ି ଘେରା ବନ୍ଦୀ କରି ରଖିଥିଲେ। ପୂରା ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ସରକାରୀ ଗାଡ଼ିଟି ଅଟକି ରହିଥିଲା। ଏହାକୁ ନେଇ ତହସିଲଦାର ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ପରେ ଏବଂ କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିବ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ମିଳିଥିଲା। ଶେଷରେ ପୁଣି ବାଲିକୁଦା ଥାନାରୁ ପୋଲିସ ଆସି ପହଞ୍ଚିବା ପରେ ଜେସିବି ଡକାଇ ସରକାରୀ ଅଧିକାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହା ପୂର୍ବରୁ ଗାଁ ଲୋକେ ଅପେକ୍ଷା ନ କରି କୋଦାଳ ଶାବଳ ଧରି ନିର୍ମିତ ରାସ୍ତାକୁ ତାଡ଼ିବା ଆରମ୍ଭ କରି ଦେଇଥିଲେ। ଆଲୋଚନାରେ କୃଷ୍ଣଚନ୍ଦ୍ର ବରାଳ, ବୀର କିଶୋର ନାୟକ, ସପନ ଅଧିକାରୀ, ରାମଚନ୍ଦ୍ର ଶତପଥୀ, ନିରଞ୍ଜନ ସ୍ୱାଇଁ, କୈଳାସ ବରାଳ, ବାବାଜି ବାରିକ, ନାଥ ବାରିକ, ସମୀର ବରାଳ, ରମେଶ ବରାଳ, ନିରଞ୍ଜନ ବାହାଲିଆ, ଶଙ୍କର ଦାସ, ଜଗବନ୍ଧୁ ସ୍ୱାଇଁ, ମାନସ ସ୍ୱାଇଁ, ବ୍ରହ୍ମାନନ୍ଦ ଦାସ ପ୍ରମୁଖ ସାମିଲ ହୋଇଥିଲେ। ସୂଚନା ଥାଉ କି ବୋରିକିନାର କୈଳାସ ବାରିକ ନାମକ ବ୍ୟକ୍ତି ପ୍ଲଟ ନଂ. ୩୮୩ ଖାତା ନଂ. ୨୭୫ରେ ଶ୍ମଶାନ ଥିବାବେଳେ ପ୍ଲଟ ସଂଖ୍ୟା ୩୮୫ ଖାତା ସଂଖ୍ୟା ୨୭୫ ଓ ପ୍ଲଟ ସଂଖ୍ୟା ୩୮୨ ଖାତା ସଂଖ୍ୟା ୨୭୩ର ୨ଟି ପ୍ଲଟ ଦେଇ ଏହି ବେଆଇନ ରାସ୍ତା ନିର୍ମାଣ କରିଥିଲେ।

# ଧାନ ବୋଝେଇ ଟ୍ରକ୍ ଆଗରେ ଚାଷୀଙ୍କ ଧାରଣା

**ନାଉଗାଁ,୨୨।୩(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଟୋକନ ଲାପ୍ସ ଯୋଗୁ ଚାଷୀମାନେ ଧାନମଣ୍ଡିରେ ଧାନ ଦେଇ ପାରୁନାହାନ୍ତି। ଫଳରେ ଅଲଣା ଓ ନାଉଗାଁ ଧାନମଣ୍ଡିର ଚାଷୀମାନେ ହଜାର ହଜାର କୁଇଣ୍ଟାଲ ଧାନ ଗଦା କରି ଦିନରାତି ଜଗି ବସିଛନ୍ତି। ଟୋକନ ଲାପ୍ସ ଯୋଗୁ ଏହି ଚାଷୀମାନଙ୍କ ଧାନ ଯାଇ ପାରୁନାହିଁ। ଧାନ ନ ଯିବା ଯୋଗୁ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ବୁଧବାର ଅଲଣା ଓ ନାଉଗାଁ ସମବାୟ ସମିତିର ଚାଷୀମାନେ ଧାନମଣ୍ଡି ସମ୍ମୁଖରେ ଧାରଣାରେ ବସି ରହିଥିଲେ। ନାଉଗାଁ ସେବା ସମବାୟ ସମିତିର ସମ୍ପାଦକ ଚାଷୀଙ୍କ ସହ ଆଲୋଚନା କରିବା ପରେ ଚାଷୀମାନେ ଧାରଣରୁ ଓହରି ଥିଲେ। ହେଲେ ଅଲଣା ସମବାୟ ସମିତିରେ କୌଣସି ନିଷ୍କାସ ବାହାରି ପାରି ନ ଥିଲା। ଫଳରେ ଚାଷୀମାନେ ଅଲଣା ସେବା ସମବାୟ ସମିତିର ସମ୍ମୁଖରେ ଧାନ ବୋଝେଇ ଟ୍ରକ୍ ଆଗରେ



ଅଲଣା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ଧାନ ବୋଝେଇ ଟ୍ରକ୍‌କୁ ଅଟକାଇ ବସିଛନ୍ତି।

### ଅଲଣା, ନାଉଗାଁ ଧାନ ମଣ୍ଡିରେ ଚାଷୀଙ୍କ ଟୋକନ ଲାପ୍ସ

ଧାରଣାରେ ବସି ରହିଥିବା ଜଣାଯାଇଛି। ଅଲଣା ଧାନମଣ୍ଡିରେ ଚାଷୀ ଦେବରାଜ ସାହୁ, ବିଜୟ କୁମାର ରାୟ, ଅଶୋକ କୁମାର ସାମଲ, ସୁଶାନ୍ତ କୁମାର ଦାସ, ବସନ୍ତ କୁମାର ସାହୁ, ନିରଞ୍ଜନ ପରିଡାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଧାରଣାରେ ବସି ରହିବା ସହ ସେମାନଙ୍କର ଧାନ ନ ଉଠିବା ପର୍ଯ୍ୟନ୍ତ ଧାନ ବୋଝେଇ ଟ୍ରକ୍‌କୁ ଛାଡିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ମୁତବାକ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ନାଉଗାଁ ବ୍ଲକରେ ୭ଟି ମଣ୍ଡି ଖୋଲାଯାଇଛି। ସେଥିମଧ୍ୟରୁ ୬ଟି ସେବା ସମବାୟ ସମିତି ରହିଥିବା ବେଳେ ପ୍ରଥମ ଥର ନନ୍ଦମଣୀ ସ୍ୱୟଂ ସହାୟିକା ଦଳକୁ ଧାନ ସଂଗ୍ରହ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜାନୁୟାରୀ ପ୍ରଥମ ସପ୍ତାହ ପରେ ୭ଟି ଯାକ ମଣ୍ଡି ଖୋଲା ଯାଇଥିବା ବେଳେ ମାର୍ଚ୍ଚ ୩୧ ସୁଦ୍ଧା ଚାଷୀଙ୍କଠାରୁ ସମସ୍ତ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ୭ଟି ଧାନମଣ୍ଡିରେ ୪,୪୭୪ଜଣ ଚାଷୀ ଧାନ ଦେବା ପାଇଁ ନାମ ପଞ୍ଜୀକୃତ କରିଥିଲେ। ପୋର୍ଟାଲ ତଥ୍ୟ ଅନୁସାରେ ମାର୍ଚ୍ଚ ୨୨ ସୁଦ୍ଧା ଏହି ୭ଟି ଧାନମଣ୍ଡିରେ ୩,୫୧୧ଜଣ ଚାଷୀଙ୍କଠାରୁ ୧୧୧୨୬୫.୫୧କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଅନ୍ୟପକ୍ଷେ ଯୋଗାଣ ବିଭାଗ ପକ୍ଷରୁ ମଣ୍ଡିକୁ ଧାନ ସଂଗ୍ରହ ପାଇଁ ଆଲମେଣ୍ଟ ନ ଦିଆଯିବା ହେତୁ ଚାଷୀଙ୍କଠାରୁ ଧାନ କ୍ରୟ କରିବାରେ ବିଳମ୍ବ ହୋଇଥିଲା। ଏଥିଯୋଗୁ ଚାଷୀମାନଙ୍କର ଟୋକନ ଲାପ୍ସ ହେବାରେ ଲାଗିଛି। ଏଥିରେ ଅଲଣା ଧାନମଣ୍ଡିରେ ୯୬ଜଣ ଚାଷୀ, ନାଉଗାଁ ଧାନମଣ୍ଡିରେ ୧୨୪ଜଣ ଚାଷୀଙ୍କର ଟୋକନ ଲାପ୍ସ ହୋଇଥିବା ଜଣାଯାଇଛି। ଏ ସମ୍ପର୍କରେ ସହକାରୀ ଏଆର୍‌ସିଏସ୍ ଶିବ ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ଯୋଗାଣ ବିଭାଗ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଚାଷଜମିକୁ ପାଣି ମାଡ଼ିବା ନେଇ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ



**ରଘୁନାଥପୁର, ୨୨।୩ (ଡି.ଏନ.ଏ.)**

### ତାରପୁର ୧୦ ନଂ. କେନାଲ ପାଣି ପଞ୍ଚାୟତ ବୈଠକ

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ୧୦ ନଂ. କେନାଲ ପାଣି ପଞ୍ଚାୟତର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଣି ପଞ୍ଚାୟତ ସଭାପତି ଜଗବନ୍ଧୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଜେଡି ଯୁବନେତା ଅନ୍ତର୍ଯ୍ୟାମୀ ରାଉତ ଓ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଜଳସେଚିତ କେନାଲରୁ ପାଣି ମାଡି ପାରୁ ନ ଥିବା ସମସ୍ତ ଚାଷଜମିକୁ ସୁଗମ ଜଳ ପରିଚାଳନା ନିମନ୍ତେ ଆବଶ୍ୟକ ବିଧି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଣି ପଞ୍ଚାୟତର ସଦସ୍ୟମାନେ ନିଜ ଅଞ୍ଚଳରେ ଥିବା ସମସ୍ୟା ଓ ପ୍ରତିକାର ବାବଦରେ ମତ ରଖିଥିଲେ। ଶେଷରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆବଶ୍ୟକତାକୁ ଭିତ୍ତିକରି ପ୍ରକଳ୍ପମାନ ଲିପିବଦ୍ଧ କରାଯାଇଥିଲା। ଜଳସେଚିତ ଅଞ୍ଚଳରେ ପାଣି ବିନା ଚାଷରେ ଯେପରି କ୍ଷତି ନ ପହଞ୍ଚେ ସେଥିପ୍ରତି ଦୃଷ୍ଟି ଦେବାକୁ ଯୁବନେତା ରାଉତ ଉପସ୍ଥିତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ସୋଠ କମିଟିର ସଦସ୍ୟମାନେ ନିଜ ଅଞ୍ଚଳର କେନାଲ ଶେଷମୁଣ୍ଡ ଯାଏ ଯେପରି ପାଣି ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ନାଏବ ସରପଞ୍ଚ ଦାସ ପ୍ରକାଶ କରିଥିଲେ। ସମ୍ପାଦକ ପ୍ରଭାକର ମଲ୍ଲିକ ସଭା ପରିଚାଳନା ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବରାଳ ଧନ୍ୟବାଦ ଦେଇଥିଲେ। ଏଥିରେ ୨୧ଜଣ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

# ପାରାଦୀପରୁ ଉତ୍ପାଦନ ହେବ ନାନୋ ତରଳ ୟୁରିଆ ସାର

**ପାରାଦୀପ,୨୨।୩ (ସ୍ୱ.ପ୍ର.)**

ପାରାଦୀପର ଇଫ୍‌କୋ ସାର କାରଖାନାରୁ ଆସନ୍ତା ସେପ୍ଟେମ୍ବରରୁ ତରଳ ନାନୋ ୟୁରିଆ ସାର ଉତ୍ପାଦନ ହେବାକୁ ଯାଉଛି। ଯାହା ବିଶ୍ୱର ପ୍ରଥମ ବୋଲି ଇଫ୍‌କୋ କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ନୂତନ ପ୍ଲାଣ୍ଟର କାମ ଚୂଡ଼ାନ୍ତ ସ୍ତରରେ ପହଞ୍ଚିଛି। ସମସ୍ତ ପ୍ରକାର ପରିବେଶୀୟ ମଞ୍ଜୁରୀ ସରକାରୀ ଭାବେ ମିଳି ସାରିଛି। ଏହି ନାନୋ ସାର ପରୀକ୍ଷା ମୂଳକ ଭାବେ ବ୍ୟବହାର ହୋଇ ସାରିଛି। ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ସାର ସମ୍ପର୍କରେ ସୂଚନା ଦେଇ ସାରିଛନ୍ତି। ଏହି ସାର ବଜାରରେ ଉପଲବ୍ଧ ହେବା ପରେ କୃଷକଙ୍କ ପାଇଁ ଅନେକ ଉପାଦେୟ ହେବ ବୋଲି ଇଫ୍‌କୋର ନିର୍ଦ୍ଦେଶକ କେ. ଜେ. ପଟେଲ କହିଛନ୍ତି। ଏହାର ବିଶେଷତ୍ୱ ହେଲା, ଏହା ଦାନା ଯୁକ୍ତ ସାର ବ୍ୟବହାର ହ୍ରାସ କରିବ। ଫସଲ ଅମଳ ଅଧିକ ହେବ। ଗୋଟିଏ ୫୦୦ ମିଲିଗ୍ରାମ ବୋତଲ ନାନୋ ୟୁରିଆ ୪୫ କେଜି ଦାନା ଯୁକ୍ତ ସାର ସହିତ ସମାନ। ଏହାଦ୍ୱାରା ପରିବହନ ଜନିତ କଷ୍ଟ ରହିବ ନାହିଁ। ତରଳ ସାର ପାଣିରେ ମିଶାଇ ସିଞ୍ଚନ କରିବାକୁ ହେବ। ଏହା ଗଛ କିମ୍ବା




ଫସଲର ପତ୍ରରେ ପଡିଲେ ତାହା ଗଛ ବୃଦ୍ଧି କରିବା ସହ ଅଧିକ ଫସଲ ଅମଳ ହେବ। ସବୁଠାରୁ ବଡ଼ ଘଟଣା ହେଲା ଏହାଦ୍ୱାରା ମୃତ୍ତିକା, ଜଳ, ବାୟୁର ଗୁଣ ସଂରକ୍ଷଣ ରଖିବ। ପୂର୍ବରୁ ପ୍ରଚଳିତ ଦାନାଯୁକ୍ତ ସାର ଜମିରେ ବ୍ୟବହାର କରିବା ଦ୍ୱାରା ତାହା ପରୋକ୍ଷରେ ଅନେକ ନକରାତ୍ମକ ପ୍ରଭାବ ପକାଇ ଥାଏ। ଜମିରେ ପଡୁଥିବା ସାର ମଧ୍ୟରୁ ଫସଲ ମାତ୍ର ୨୫ ରୁ ୩୦ ପ୍ରତିଶତ ଗ୍ରହଣ କରିଥାଏ। ଅବଶିଷ୍ଟ ସାର ମାଟିରେ ମିଶିଯାଏ। ଫଳରେ ଭୂତଳ ଜଳ ପ୍ରଦୂଷିତ ହୁଏ। ମାଟି ମଧ୍ୟ କିଛି ବର୍ଷ ପରେ ମରିଯାଏ। ମାଟି ହେଉଛି ଜୀବନ୍ତ। ଏଥିରେ ୩ ରୁ ୪ ପ୍ରକାର ଜୀବାଣୁ ଯବକ୍ଷାରଜାନ ତିଆରି କରିଥାନ୍ତି। ଯାହା ଫସଲକୁ ପୋଷକତତ୍ତ୍ୱ ଦେଇଥାନ୍ତି। ଏଭଳି ଦାନାଯୁକ୍ତ ସାରର ବିକଳ୍ପ ନାନୋ ବୋଲି କୁହନ୍ତି କମ୍ପାନୀର ମୃତ୍ତିକା ବିଶେଷଜ୍ଞ କୁଳମଣି ମାଝି। ତରଳ ସାର ଅପରାହ୍ନ ସମୟରେ ପକାଇବା ଭଲ ବୋଲି ସେ କୁହିଛନ୍ତି। ପାରାଦୀପ ନାନୋ ପ୍ଲାଣ୍ଟରେ ବାର୍ଷିକ ୨ ଲକ୍ଷ ଲିଟର ତରଳ ସାର ଉତ୍ପାଦନ କ୍ଷମତା ରହିଛି ବୋଲି ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା କହିଛନ୍ତି।

# ଏଏମ୍‌ଏନ୍‌ଏସ୍‌ର ଜାତୀୟ ସୁରକ୍ଷା ସପ୍ତାହ

**ପାରାଦୀପ,୨୨।୩ (ସ୍ୱ.ପ୍ର.)**

ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍) କମ୍ପାନୀ ପକ୍ଷରୁ ୫୨ତମ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଖଣି, ପ୍ଲାଣ୍ଟ ଅଞ୍ଚଳରେ ସୁରକ୍ଷା କାର୍ଯ୍ୟକ୍ରମ କରାଯାଇଛି। ଏହାକୁ କମ୍ପାନୀର ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଉଦ୍‌ଘାଟନ କରିଥିଲେ। କାରଖାନର ମୁଖ୍ୟ ଲକ୍ଷ୍ୟ ଶୂନ୍ୟ ଆହତ କିପରି ବଳବତ୍ତର ରହିବ ସେଥିପାଇଁ ପ୍ରୟାସ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ସୁରେଶା କହିଥିଲେ। ଏହି ଅବସରରେ ସଚେତନତା ରଥ ପରିକ୍ରମା, ବେଳାଭୂମିରେ ମିନି ମାରାଥନ, ଶ୍ରମିକ କର୍ମଚାରୀ ପରିବାର ପିଲାଙ୍କୁ ନେଇ ବିଭନ୍ନ ପ୍ରତିଯୋଗିତା କରାଯାଇଥିଲା। ବୁଧବାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ସୁରକ୍ଷା ଅଧିକାରୀ ଅରୁଣ କୁମାର ରଥ ପରିଚାଳନା କରିଥିଲେ।

# ମା' ବଟମଙ୍ଗଳା କ୍ରିକେଟ: ମାତୃଶକ୍ତି ଚାମ୍ପିୟନ

**ବାଲିକୁଦା,୨୨।୩ (ସ୍ୱ.ପ୍ର.)**

ମା' ବଟ ମଙ୍ଗଳା କ୍ରିକେଟ କ୍ଲବ ଫୁଲୁବେଲାରୀ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖେଳରେ ଗ୍ରାମେଶ୍ୱର କ୍ରିକେଟ୍ କ୍ଲବ ବରଦିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୨୫ ରନ ସଂଗ୍ରହ କରିଥିଲା। ଜବାବରେ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ୩ ଉଇକେଟ ହରାଇ ୪.୨ ଓଭରରେ ୩୦ରନ କରି ଚାମ୍ପିୟନ ହୋଇଥିଲା। ମ୍ୟାଚରେ ବୋଲିଂରେ ୩ ଟି ଉଇକେଟ ଓ ପୁରା ସିରିଜରେ ଉତ୍ତମ ପ୍ରଦର୍ଶନ ପାଇଁ ମାତୃଶକ୍ତି କ୍ଲବର ବ୍ରହ୍ମଜିତ ବିଶ୍ୱାଳ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ଏଥିରେ ଆମ୍ପେୟାର ଭାବେ ସନ୍ଦୀପ ଶୁକ୍ଲା ଓ ସୌମ୍ୟରଞ୍ଜନ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟା ତଟିନୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜଲା ପରିଷଦ ସଭ୍ୟ ଆଇନଜୀବୀ ଯୁଗଳ କିଶୋର ମହାନ୍ତି, ବରମୁଣ୍ଡଲୀ ସମିତିର ସଭାପତି ସଞ୍ଜୟ ନାୟକ, ସମିତି ସଭ୍ୟ ପ୍ରତିନିଧି ଅନାଦି ଚରଣ ବେହେରା ପ୍ରମୁଖ ଯୋଗ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫିଇ ପ୍ରଦାନ କରିଥିଲେ। ଏହି ଅବସରରେ ଗ୍ରାମ ମୁରବି ତପନ ନାୟକ, ବେଣୁ ଦାସ, ଭୁନା ସ୍ୱାଇଁ, ଅଭୟ ଦଳାଇ, ଯୋଗେନ୍ଦ୍ର ବିଶ୍ୱାଳ, ଉଲ୍ଲାସ ଜେନା,ଅର୍ଜୁନ ବିଶ୍ୱାଳ, କ୍ଲବର ଜ୍ୟୋତିଷ ନାୟକଙ୍କ ନେତୃତ୍ୱରେ ସଦସ୍ୟ, ପପି, କେଦାର, ପିଣ୍ଟୁ, ଆଶିଷ, ପଶା, ରମେଶ, ଆଶିଷ, ଦିପୁ, ରିଙ୍କୁଲ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ମାତୃଶକ୍ତି ଟିମ୍‌କୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ରାସ୍ତା ଦୁର୍ଘଟଣା ମୃତ୍ୟୁକୁ ରୋକିବାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୨୨।୩**

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବୁଧବାର ପରିବହନ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଆକସ୍ମିକ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ପାଳନ କରାଯିବ। ଏଥିରେ ଜିଲାପାଳ ପାରୁଲ୍ ପଟାୱାରୀ ଅଧକ୍ଷତା କରି କହିଲେ, ଜିଲାର ସମସ୍ତ ଥାନାକୁ ବ୍ରେଥ୍ ଆନାଲାଇଜର ଏବଂ ଇ-ଚାଲାଣ ଡିଭାଇସ୍ ଯୋଗାଇ ଦେବାକୁ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲ୍ ୧ରୁ ୭ତାରିଖ ପର୍ଯ୍ୟନ୍ତ ଯେପରି ଜିଲାରେ କେହି ରାସ୍ତା ଦୁର୍ଘଟଣାରେ ପ୍ରାଣ ନ ହରାନ୍ତି ସେଥିପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ଜାତୀୟ ରାଜପଥର ସମ୍ବେଦନଶୀଳ ଅଞ୍ଚଳରେ ଏସ୍‌ପି ଏବଂ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପରାମର୍ଶରେ ଆମ୍ବୁଲାନ୍ସ ନିୟୋଜନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଚିହ୍ନଟ, ରୋଡ୍ ମାର୍କିଂ, ସ୍ପିଡ୍ ଲିମିଟ୍ ବୋର୍ଡ



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

### ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଲଗାଇବା, ରାସ୍ତା ନିର୍ମାଣ ଓ ମରାମତି ସ୍ଥାନରେ ଅଧିକ ମ୍ୟାନ୍ ପାୱାର ଦେଶ, ସଂଯୋଗ ସ୍ଥାନ ବା ବ୍ଲକଗୁଡିକରେ ଦୁର୍ଘଟଣାରୁ ରକ୍ଷା ପାଇବାକୁ ପଦକ୍ଷେପ ଗ୍ରହଣ କରିବେ। ରାଜପଥରେ ଷ୍ଟ୍ରିଟ୍ ଲାଇଟ୍ ବନ୍ଦୋବସ୍ତ, ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ଓ ସଂଶୋଧନ, ସ୍ୱତନ୍ତ୍ର ଅଭିଯାନରେ ପଟ୍‌ହୋଲ୍ ମରାମତି ନିମନ୍ତେ ପୂର୍ତ୍ତ, ଏନ୍‌ଏଚଏଆର୍ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପଦକ୍ଷେପ ଗ୍ରହଣ କରିବେ। କଠୋର ଏନ୍‌ଫୋର୍ସମେଣ୍ଟ, ମଦୁଆ ଡ୍ରାଇଭରଙ୍କୁ ଗିରଫ କରିବା, ରାଜପଥରେ ଗାଡ଼ି ପାର୍କିଂ ନ କରିବା, ରାତ୍ରିକାଳୀନ ଯାଞ୍ଚ ନିମନ୍ତେ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା, ପାଦଚଲା ସ୍ଥାନରୁ ଅନାଧିକାର ପ୍ରବେଶ ହଟାଇବା, ପାର୍କିଂ ଅଞ୍ଚଳ ଚିହ୍ନଟ, ଡ୍ରାଇଭରଙ୍କୁ ବିଭ୍ରାନ୍ତ କରୁଥିବା ବିଜ୍ଞାପନ ବୋର୍ଡ ହଟାଇବା, ବୁଲା ଜୀବଜନ୍ତୁ ଯେପରି ରାସ୍ତାକୁ ନ ଆସିବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପଦକ୍ଷେପ ଗ୍ରହଣ କରିବେ। କଠୋର ଏନ୍‌ଫୋର୍ସମେଣ୍ଟ, ମଦୁଆ ଡ୍ରାଇଭରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବିଭିନ୍ନ ବିଭାଗୀୟ କ୍ରିୟାଶୀଳତାକୁ ପରିଚାଳନା କରିବା, ପୋଲିସ ବିଭାଗ ସହ ମିଶି ଯୁଗ୍ମ ଏନ୍‌ଫୋର୍ସମେଣ୍ଟ କରିବା କାର୍ଯ୍ୟ ପରିବହନ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପଞ୍ଚାୟତ ପାଇଁ ପାନୀୟ ଜଳ ବିଭାଗ ପକ୍ଷରୁ ବ୍ଲକ ଅଞ୍ଚଳରେ ଥିବା ବ୍ଲାକ୍‌ସ୍ପଟ ଜାଗାଗୁଡିକରେ ଗୁଡ଼୍ ସାମାରିଟାନ୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଏବଂ ସମିତିସଭ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀର କାର୍ଯ୍ୟକାରିତା ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଆଲୋଚନା କରିଥିଲେ। ବୈଠକରେ କୁଜଙ୍ଗ ବ୍ଲକର ଉତ୍ତରଡିହା ୩୦ ଏକର ଜମିରେ ଟ୍ରକ୍ ଟର୍ମିନାଲ ନିର୍ମାଣ, ଗୁଡ୍ ସାମାରିଟାନ୍ ପୁରସ୍କାର, ଡ୍ରାଇଭିଂ ଟ୍ରେନିଂ, ରକ୍ଷକ କାର୍ଯ୍ୟକ୍ରମ, ରୋଡ୍ ପାଠଶାଳା, ଗ୍ରୀଷ୍ମ ପ୍ରବାହଜନିତ ବସ୍ ସମୟ ନିର୍ଦ୍ଧାରଣ, ଜଗତ୍‌ସିଂହପୁର ସହରରେ ଥିବା ବକ୍ସ କଲଭର୍ଟରୁ ରାସ୍ତାକୁ ସ୍ଲୋପ୍‌ର ପୁନଃ ମରାମତି, ରାଜପଥରୁ ହମ୍ପସ ଅପସାରଣ ଉପରେ ଆଲୋଚନା ହୋଇଥିଲା। ଏଥିରେ ଏସପି ରାହୁଲ ପିଆର, ଏଡିଏମ୍, ଜଗତ୍‌ସିଂହପୁର, ଏଡିଏମ୍ ପାରାଦୀପ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜଗତ୍‌ସିଂହପୁର, ପାରାଦୀପ ଏଡିଏମ୍‌ଓ, ରୋଡ୍ ସେଫ୍‌ଟି କମିଟି ସଦସ୍ୟ, ବସ୍ ଓ ଟ୍ରକ୍ ଆସୋସିଏଶନ କର୍ମକର୍ତ୍ତା, ଟ୍ରାଫିକ୍ ଇନ୍ସପେକ୍ଟର, ଏମ୍‌ଭିଆଇ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଗୁଟ୍‌କା ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ଚଢ଼ାଉ

ନୟାଗଡ଼ ଅଫିସ,୨୨ା୩:ନୟାଗଡ଼ ସଦର ଥାନା ଖୁଣ୍ଟବନ୍ଧ ଗାଁରେ ଥିବା ଗୁଟ୍‌କା ବ୍ୟବସାୟୀ କମଳ ସାହୁଙ୍କ ଗୋଦାମ ସଂଲଗ୍ନ ବାସଭବନରେ ମଙ୍ଗଳବାର ଜିଏସ୍‌ଟି ଚଢ଼ାଉ ହୋଇଛି । ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ଜିଏସ୍‌ଟିର ଆଡଶନାଲ ସିଟିଓ ବିଶ୍ୱଜିତ୍ ମହାନ୍ତିଙ୍କ ନେତୃତ୍ୱରେ ଭୁବନେଶ୍ୱର ଓ ଜଟଣୀର ଦୁଇଟି ଟିମ୍ ଚଢ଼ାଉ କରିଥିଲେ । ଦିନ ତମାମ ଚଢ଼ାଉ ଲାଗି ରହିଥିଲା । କମଳ ସାହୁ ଦୀର୍ଘ ଦିନ ଧରି ନୟାଗଡ଼ ସହରରେ ଗୁଟ୍‌କା, ଖଇନି, ପାନମସଲା ବ୍ୟବସାୟ କରି ଟିକସ ଫାଙ୍କୁଥିବା ଅଭିଯୋଗ ହୋଇଥିଲା । ଜିଏସ୍‌ଟିର ଆଡିଶନାଲ ସିଟିଓ ବିଶ୍ୱଜିତ୍ ମହାନ୍ତିଙ୍କୁ ପଚାରିବାରୁ ଏ ସଂକ୍ରାନ୍ତରେ କିଛି ନ କହି ଏଡାଇ ଯାଇଥିଲେ ।

### ଚିନିକଳ ଚାଲୁ କରିବା ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼ ଅଫିସ,୨୨ା୩: ପାଣିପୋଇଲାସ୍ଥିତ ଚିନିକଳକୁ ପୁଣିଥରେ ଚାଲୁ କରିବା ଦାବିରେ ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇ ଜିଲାପାଳଙ୍କୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅନ୍ୟପକ୍ଷେ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ମିଳିବା ଉପରେ ଆଲୋଚନା ହୋଇଥିଲା । ୨୦୦୦ରୁ ୨୦୦୫ ପର୍ଯ୍ୟନ୍ତ ଇପିଏଫ୍ ଅର୍ଥ ଆସିଯାଇଥିବା ଜିଲାପାଳ ଚିଠି ଦେଇଥିଲେ । ଚିନିକଳ କର୍ମଚାରୀଙ୍କ ବକେୟା ଦରମା ପାଇବା ଦାବିରେ ପୁଣି ଜିଲାପାଳଙ୍କ ସହ ଆଲୋଚନା ହୋଇଛି । ଜିଲାପାଳ ଏ ଦିଗରେ ସହଯୋଗ କରିବେ କହିଛନ୍ତି । ଚିନିକଳ ଚାଲୁ କରିବା ପାଇଁ ସରକାର ପଦକ୍ଷେପ ନେବେ ବୋଲି ଜିଲାପାଳ କହିଛନ୍ତି ।

### ଭଲ ମଣିଷ ହେବା ପାଇଁ ପାଠପଢ଼

ନୟାଗଡ଼ ଅଫିସ,୨୨ା୩:ନୟାଗଡ଼ର ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି । ଏହା ବୁଧବାର ଉଦ୍‌ଯାପିତ ହେବ । ଉଦ୍‌ଘାଟନୀ ଦିବସରେ ଶିକ୍ଷାକେନ୍ଦ୍ରର ସ୍ଥାୟୀ ଗୃହ ସୁବର୍ଣ୍ଣଦେଇପୁରଠାରେ ଉଦ୍‌ଘାଟିତ ହୋଇଯାଇଛି । ଭୁବନେଶ୍ୱର ରାମକୃଷ୍ଣ ମଠର ଅଧକ୍ଷ ଆତ୍ମପ୍ରଭାନନ୍ଦଜୀ ମହାରାଜ ଏଥିରେ ଯୋଗ ଦେଇ ଶିକ୍ଷାକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ରୂପେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗ ଦେଇ ଭଲ ମଣିଷ ହେବାକୁ ପାଠପଢ଼ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଶ୍ରୀଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତାଭାବେ ସ୍ୱାମୀ ଗୀତାତ୍ମାନନ୍ଦଜୀ ମହାରାଜା, ସମ୍ମାନିତ ଅତିଥି ରୂପେ ହରିଆନା କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେନ୍ଦ୍ର ମୋହନ ନାୟକ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ସାହୁ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ନେତାଜୀ, ମହାତ୍ମା ଗାନ୍ଧୀ, ଗାନ୍ଧିଜୀଙ୍କ ପରି ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଛି । ଶେଷରେ ଛୋଟ ଛୋଟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

ନୟାଗଡ଼ ଅଫିସ,୨୨ା୩: କୀଟନାଶକ ପିଇ ଇଟାମାଟି ଥାନା ସରଧାପୁର ଗାଁର ଲୋକନାଥ ଡାକୁଆ (୪୫) ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନି। ଲୋକନାଥଙ୍କ ମୃତଦେହ ବ୍ୟବଚ୍ଛେଦ ୧ଗୃହରେ ରଖାଯାଇଛି। ଲୋକନାଥ ମାଛିପଡାରୁ ଫେରି ପାଣିପୋଇଲାସ୍ଥିତ ପାନ ଦୋକାନରେ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ରାତିରେ ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ୧୦ ବର୍ଷର ଆଧାର କାର୍ଡ ଅପଡେଶନ ଜରୁରୀ

**ଛତ୍ରପୁର, ୨୨ା୩(ଡି.ଏନ୍.ଏ):**

ଆଧାର କାର୍ଡ ଅପଡେଶନ ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୫ ତାରିଖଠାରୁ ଏହି ଅପଡେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ଆଗାମୀ ଜୁନ ମାସ ୧୪ ପର୍ଯ୍ୟନ୍ତ ଚାଲୁ ରହିବ। ବିନା ମୂଲ୍ୟରେ ନିଜର ଆଧାର କାର୍ଡ ଅପଡେଶନ କରାଇ ନେବାକୁ ଖେସ ପରାମର୍ଶ ଦେଇଛନ୍ତି। ଜନ ସାଧାରଣ ସେମାନଙ୍କର ଆଧାରକାର୍ଡ ଅପଡେଶନ ବିନା ମୂଲ୍ୟରେ ନିଜ ମୋବାଇଲ ଦ୍ୱାରା କରାଇପାରିବେ। ଜିଲାରେ ନିୟୋଜିତ ଥିବା ସମସ୍ତ ଡାଟାଏଣ୍ଟ୍ରି ଅପରେଟରମାନଙ୍କ ଠାରେ ମଧ ବିନା ମୂଲ୍ୟରେ ଅପଡେଶନ କରିପାରିବେ। ସେବାକେନ୍ଦ୍ର ଗୁଡିକରେ ୫୦ ଟଙ୍କା ଦେୟ ଦେଇ ଅପଡେଶନ କରାଇ ପାରିବେ।



ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

ଯେଉଁମାନେ ୧୦ ବର୍ଷ ପୂର୍ବରୁ ଆଧାର କାର୍ଡ କରିଛନ୍ତି ସେମାନଙ୍କ କାର୍ଡରେ ଥିବା ଭୁଲ ତଥ୍ୟକୁ ସଂଶୋଧନ କରାଇ ପାରିବେ ଏବଂ ଅପଡେଶନ କରିପାରିବେ ତେବେ ଯାଇ ନିଜ ଆଧାର କାର୍ଡ ସଠିକ ହୋଇ ବଳବତ୍ତର ରହିବ । ଜିଲାର ସମସ୍ତ ୫୦୩ଟି ଗ୍ରାମ ପଞ୍ଚାୟତର ମୋ ସେବା କେନ୍ଦ୍ରରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ଆଧାର ଅପଡେଶନ ସକାଶେ ମୋବାଇଲ ନମ୍ବର ଜରୁରୀ। ଯେଉଁମାନଙ୍କର ମୋବାଇଲ ନମ୍ବର ବଦଳିଛି ସେମାନେ ଆଧାର କେନ୍ଦ୍ରକୁ ଯାଇ ନିଜର ମୋବାଇଲ ନମ୍ବର ସଂଯୋଗ କରି ଏହି ସେବା ଉପଲବ୍ଧ କରିପାରିବେ। ଦୈନିକ କେତେ ଅପଡେଶନ କରାଯିବ ତାହାର ଲକ୍ଷ୍ୟଧାର୍ଯ୍ୟ କରାଯାଇ ପ୍ରତ୍ୟେକ ଦିନର ତଥ୍ୟ ଅତିରିକ୍ତ ଜିଲାପାଳଙ୍କ ଅବଗତି ନିମନ୍ତେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୈଠକରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷାମୁଣ୍ଡା, ଜିଲା ମହିଳା ଓ ଶିଶୁ ବିକାଶ ଅଧିକାରୀ ଶୁଭଶ୍ରୀ ପାତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ର, ଜିଲା ଇ-ଗଭର୍ଣ୍ଣାନ୍ସ ପ୍ରବନ୍ଧକ ଗୁରୁ ପ୍ରସାଦ ଇ ପ୍ରମୁଖ ଉପସ୍ଥିତ ଥିଲେ।

# ଭଣଜା କୋଡ଼ିବେଣ୍ଟ ମାଡ଼ରେ ମାମୁ ମୃତ

**ପୋଲସରା,୨୨ା୩(ଡି.ଏନ.ଏ.)**

ସାମାନ୍ୟ କଥାକୁ କେନ୍ଦ୍ରକରି ଭଣଜାର କୋଡ଼ିବେଣ୍ଟରେ ସମ୍ପର୍କୀୟ ମାମୁଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଘଟିଛି ପୋଲସରା ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମରେ। ମୃତ ମାମୁ ହେଉଛନ୍ତି ମନ୍ଦାର ଗ୍ରାମର କୃଷ୍ଣ ପ୍ରଧାନ। ଏନେଇ ପୋଲସରା ଥାନାରେ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଥାନା ଅଧିକାରୀଙ୍କ ସୂଚନା ପ୍ରକାରେ ସମ୍ପର୍କିୟ ଭଣଜା ମନୋଜ ସ୍ୱାଇଁ ଓ ମାମୁ କୃଷ୍ଣ ପ୍ରଧାନ ଦୁହେଁ ଘଟଣା ଦିନ ମଦ୍ୟପାନ କରିଥିଲେ। ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଭଣଜା ମନୋଜ ଏକ କୋଡିବେଣ୍ଟରେ ମାମୁର ମୁଣ୍ଡ, ଗୋଡ ହାତକୁ ମାଡ ମାରିଥିଲେ। କୋଡିବେଣ୍ଟ ମାଡ଼ରେ ମାମୁ କୃଷ୍ଣ ଘଟଣା ସ୍ଥଳରେ ଟଳି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ପୋଲସରା ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ କୃଷ୍ଣଙ୍କର ମୃତ୍ୟୁ ହୋଇଥିଲା। ମୃତ କୃଷ୍ଣ ପ୍ରଧାନଙ୍କ ଭାଉଜ ବାସନ୍ତୀ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲସରା ପୋଲିସ ମନୋଜକୁ ଧରିବା ପାଇଁ ଛାନଭିନ୍ ଅରରମ୍ଭ କରିଥିଲା। ଭଣଜା ମନୋଜ ମନ୍ଦାର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଲୁଚି ରହିଥିବା ପୋଲିସ ଜାଣିବାକୁ ପାଇ ସେଠାରେ ଚଢ଼ଉ କରି ମନୋଜକୁ କାବୁ କରିନେଇଥିଲା। ପୋଲସରା ଥାନାରେ ୧୬୨/୨୦୨୩ ରେ ଏକ ମାମଲା ରୁଜୁ କରି ସମ୍ପର୍କୀୟ ଭଣଜାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି।

# ସବୁଜ ସାହିତ୍ୟ ଆଲୋଚନାଚକ୍ର



କର୍ମଶାଳାରେ ଉପସ୍ଥିତ ଅତିଥି ବୃନ୍ଦ ।

**ଭଞ୍ଜନଗର,୨୨ା୩(ଡି.ଏନ୍.ଏ)**

ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ କବିତା ଦିବସ ଅବସରରେ ସବୁଜ ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ଡ଼.ରମଣୀ ରଞ୍ଜନ ମିଶ୍ର ବୈଠକରେ ଅଧକ୍ଷତା କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ଡ଼.ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସାତ୍ୟକୀ ସାହୁ ସାଧନବ୍ୟକ୍ତି ଭାବେ ଯୋଗଦେଇ ସବୁଜ ସାହିତ୍ୟ ଉପରେ କହିଥିଲେ। ଛାତ୍ର ସତୀଶ ଶ୍ରୀୟବ୍ରତ ମହାରଣା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ପ୍ରାଣୀ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ଡ଼. ପୀତବାସ ପାଳ, ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବଦ୍ରିନାରାୟଣ ପାତ୍ର, ଡ଼.ଯଶୋବନ୍ତ ପାଳ, ଡ଼.ଭଞ୍ଜ କିଶୋର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ଜ୍ୟୋତିମାଳା ସାହୁ, ସାଇଶ୍ରୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ଶୁଭଶ୍ରୀ ସାହୁ ବେଦପାଠ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ସୁକାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ନଟବର ଜେନା ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀ ରାଜଲକ୍ଷ୍ମୀ ସାସମଲ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଏଚ୍‌ପିଏଲ୍ କ୍ରିକେଟ, ରେଗିଡ଼ି ଚାମ୍ପିୟନ

**ହିଞ୍ଜିଳିକାଟୁ, ୨୨ା୩(ଡି.ଏନ୍.ଏ):**

ହିଞ୍ଜିଳିକାଟୁ ମିନିଷ୍ଟାଡିୟମ ପରିସରରେ ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ୫ମ ଏଚ୍‌ପିଏଲ୍ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏସ୍‌ସିସି ଚିକିଟି ପେଣ୍ଟକୁ ହରାଇ ମହାଲକ୍ଷ୍ମୀ ଇଲେଭେନ ରେଗିଡି ଚାମ୍ପିଅନ ହୋଇଛି। ମହାଲକ୍ଷ୍ମୀ ଇଲେଭେନ ପ୍ରଥମେ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଏସସିସି ଚିକିଟି ପେଣ୍ଟ ୧୨ ଓଭର ଖେଳି ସମସ୍ତ ୱିକେଟ ବିନିମୟରେ ୯୩ ରନ ସଂଗ୍ରହ କରିଥିଲେ। ଜବାବରେ ମହାଲକ୍ଷ୍ମୀ ଇଲେଭେନ ୫ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଲକି 'ମ୍ୟାନ ଅଫ ଦି ମ୍ୟାଚ' ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ହିଞ୍ଜିଳିକାଟୁ ପୌରପରିଷଦ ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ଓକିଲ ସଂଘ ସଭାପତି ଦ୍ୱୀତିକୃଷ୍ଣ ସାବତ, ବିଜେଡି ଓଡିଶା ମୋ ପରିବାର ସମ୍ପାଦକ ନିଳମଣୀ ପଟ୍ଟନାୟକ, ବିଜେଡି ନେତା ପ୍ରଦିପ କୁମାର ପଣ୍ଡା ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ପୌରପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟକୁ ମିଥୁନ ଓ ଆଲୋକ ପାତ୍ର ପରିଚାଳନା କରିଥିଲା ବେଳେ ଦୀପକ ବେହେରା, ନୀଳାମ୍ବର ସାହୁ, ମର୍ଣିଂ କ୍ରିକେଟ କ୍ଲବ ସଭାପତି ନିଶିକାନ୍ତ ପଣ୍ଡା, ପରିଚାଳନା ସଭାପତି କାଉନସିଲର ବିଭୁ ପ୍ରସାଦ ପଣ୍ଡା, ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଜଗନ ଡାକୁଆ, ଅମୂଲ୍ୟ ପଣ୍ଡା, ଭଗବାନ ପାତ୍ର, ଶ୍ରୀଧର ମହାରଣା, ମୁନା ମହାରଣା, ଚିନ୍ମୟ ପଣ୍ଡା, ରାଜା ସାମଲ, ସୁରଜ, ଦିନେଶ, ସନ୍ତୋଷ ଆଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ

**ପାରଳାଖେମୁଣ୍ଡି,୨୨ା୩ (ଡି.ଏନ୍.ଏ):**

ଗଜପତି ଜିଲା ବିଜୁ କଲ୍ୟାଣ ମଣ୍ଡପ ପାରଳାଖେମୁଣ୍ଡିଠାରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷ ଜି. ତ୍ରିପତି ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲାପାଳ, ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗଦେଇଥଲେ। ଆଶା କର୍ମୀମାନେ ସ୍ୱାସ୍ଥ୍ୟ ସଚେତନାର ବାର୍ତ୍ତାବହ ହୋଇଥିବାରୁ ଜିଲାର ସମସ୍ତ ୧୩୫୦ ଆଶାକର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ ଦେବା ସହ ଜିଲାରେ ମଧ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏଥିପ୍ରତି ସଜାଗ ରହିବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ ଆରମ୍ଭ ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲାର ୭ଟି ବ୍ଲକ୍‌କୁ ଓ ପାରଳାଖେମୁଣ୍ଡି ପୌରପରିଷଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଇଥିବା ବେଳେ ଜିଲା ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ କରିଥିବା ୩ ଜଣ ଆଶାଙ୍କୁ ପୁରସ୍କୃତ କରାଯାଇଛି। ଗାଁ କଲ୍ୟାଣ ସମିତିର ୭ ଜଣଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମହିଳା ଆରୋଗ୍ୟ ସମିତି ୧୪ ଜଣ କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଛି।

# 'ଲିଙ୍ଗଭିତ୍ତିକ ସମାନତା ସମାଜ ବିକାଶର ମୂଳ ଚାବିକାଠି'



ବୈଠକରେ ଉପସ୍ଥିତ ଅତିଥିମାନେ ।

**ଭଞ୍ଜନଗର,୨୨ା୩(ଡି.ଏନ.ଏ)**

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ଏବଂ ଓୟୁଏଟିର ମିଳିତ ସହଯୋଗରେ ମଙ୍ଗଳବାର ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଲିଙ୍ଗଭିତ୍ତିକ ସଚେତନତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଓୟୁଏଟି ଉପ ନିର୍ଦ୍ଦେଶକ ଡ଼.ପ୍ରଶାନ୍ତ କୁମାର ମହାନ୍ତି ବୈଠକରେ ସଭାପତିତ୍ୱ କରି ଲିଙ୍ଗଭିତ୍ତିକ ସମାନତା ମାଧ୍ୟମରେ କିପରି ମହିଳାମାନଙ୍କ ସାମାଜିକ, ଆର୍ଥିକ ସ୍ଥିତି ଉନ୍ନତି ହୋଇପାରିବ ସେ ଉପରେ କହିଥିଲେ। ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ସୁରେନ୍ଦ୍ର କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକା ଉପରେ କହିଥିଲେ । ସିଡ଼ିପିଓ ବିଷ୍ଣୁପ୍ରିୟା ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳାମାନଙ୍କ ଦ୍ୱାରା ସମାଜର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ସହାୟିକା ମିନତୀ ସ୍ୱାଇଁ ସାଧନବ୍ୟକ୍ତି ଭାବେ ଯୋଗଦେଇ ଲିଙ୍ଗଭିତ୍ତିକ ସମାନତା ସମାଜର ବିକାଶର ମୂଳ ଚାବିକାଠି ବୋଲି କହିଥିଲେ। ବୈଜ୍ଞାନିକ ପ୍ରଶାନ୍ତ ପଣ୍ଡା, ଡ଼.ସତ୍ୟବ୍ରତ ମଙ୍ଗରାଜ, ଡ଼.ବିଷ୍ଣୁପଦ ଗିରି, ସୀତିକଣ୍ଠ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଅନିତା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ମା'ପାଟଖଣ୍ଡାଙ୍କ ପୀଠରେ ନବରାତ୍ରି ପୂଜା


କଳସ ଯାତ୍ରାରେ ଶତାଧିକ ମହିଳା ।

**ଦାରିଙ୍ଗବାଡି,୨୨ା୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ମା'ପାଟଖଣ୍ଡା ମନ୍ଦିର ପ୍ରାଙ୍ଗଣରେ ୪୦ତମ ବାସନ୍ତିକ ନବରାତ୍ରି ପୂଜା ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଶିବମନ୍ଦିର ପ୍ରାଙ୍ଗଣରେ ଥିବା ପୋଖରୀରୁ ପୂଜାର୍ଚ୍ଚନା କରାଯାଇ ଜଳ କଳସ ଉଠାଯାଇଥିଲା। ଶତାଧିକ ମହିଳା ମୁଣ୍ଡରେ କଳସ ନେଇ ପାରମ୍ପରିକ ରୀତିନୀତିରେ ମନ୍ଦିରରେ ପହଞ୍ଚି ଥିଲେ । ସନ୍ଧ୍ୟାରେ ହୋମ ଯଜ୍ଞ ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରତିଦିନ ସକାଳ ଓ ରାତି ଆଳତି କରାଯିବା ସହ ହୋମ ଯଜ୍ଞ, ଦୀପ, ଜ୍ଞାନ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହେବ । ସେହିପରି ଆସନ୍ତା ୩୦ରେ ପୂର୍ଣ୍ଣାହୁତି ସହ ରାବଣ ପୋଡ଼ି କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ତଥା ପାଟଖଣ୍ଡା ବିକାଶ କମିଟି ପକ୍ଷରୁ କୁହାଯାଇଛି।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି



ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ରାଇକିଆ,୨୨ା୩(ଡି.ଏନ.ଏ.)**

କନ୍ଧମାଳ ଜିଲା ରାଇକିଆ ଜୀବିକା ସୁରକ୍ଷା ମଞ୍ଚ ତରଫରୁ ବୁଧବାର ବିଶ୍ୱ ଜଳ ଦିବସ ଅବସରରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଶିଶୁ, କିଶୋର, ବାଳିକା, ପ୍ରସୂତି ମହିଳାଙ୍କ ବଞ୍ଚିବାର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଓ ରାଲି ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଏକ ରାଲିରେ ସହର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଡିଓ ଶରତ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏବେ ମଧ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଏବଂ ଶିଶୁ, କିଶୋର, ବାଳିକା, ପ୍ରସୂତି ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଅତ୍ୟାବଶ୍ୟକ ଥିବା ବେଳେ ସେଥିରୁ ବଞ୍ଚିତ ଯେପରି ନ ହେବେ ସେ ଦିଗରେ ତ୍ୱରିତ ବ୍ୟବସ୍ଥା କରିବା ପାଇଁ ଲିଖିତ ଭାବେ ଜଣାଇଥିଲେ। ବିଶେଷ କରି ଅଙ୍ଗନୱାଡିଗୁଡ଼ିକରେ ଆନୁଷଙ୍ଗିକ ସୁବିଧା ପୃଥକ ଶୌଚାଳୟ, ଗୋଦାମ ଗୃହ, ନିଜସ୍ୱ ଗୃହ, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଦାବି କରଯାଇଥିଲା। ଜୀବିକା ସୁରକ୍ଷା ମଞ୍ଚ ତରଫରୁ ଜନ ସାଥୀ ପ୍ରମୋଦା ନାୟକ, ଶାରୋଲ ପ୍ରଧାନ, ମାମୁନି ପ୍ରଧାନ, ଶାନ୍ତିଲତା ନାୟକ, ରିତା ରାଣୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ୨୫ ପ୍ରକଳ୍ପ ପାଇଁ ଖର୍ଚ୍ଚ ୧ କୋଟି ୧୫ ଲକ୍ଷ

## ଗଞ୍ଜାମ ଏନ୍‌ଏସି କାଉନସିଲ ବୈଠକ

**ଗଞ୍ଜାମ,୨୨ା୩(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି କନଫରେନ୍ସ ହଲ୍‌ରେ ବୁଧବାର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି ଅଧକ୍ଷା ପ୍ରତିଭା ପାଢ଼ୀ ଅଧକ୍ଷତା କରିଥିଲେ। ଏନ୍‌ଏସି ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ବିଧାୟକ ପ୍ରତିନିଧି ତଥା ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ। ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରାଯିବା ସହ ମୁକ୍ତା ଯୋଜନାର ଅଧିକାରୀ ଚିନ୍ମୟୀ ପୃଷ୍ଟି ସହରର ବିଭିନ୍ନ ୱାର୍ଡରେ ୨୫ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଥିପାଇଁ ୧ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ତାହାକୁ ଜିଲାପାଳ ଅନୁମୋଦନ କରିଥିବା ସୂଚନା ଦେଇଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ସହରରେ ଜଳୁ ନ ଥିବା ଷ୍ଟ୍ରିଟ ଲାଇଟଗୁଡିକ ମରାମତି କରିବାକୁ କାଉନସିଲରମାନେ ଦାବି କରିଥିଲେ। ଭେଣ୍ଡିଂ ଜୋନ ପାଇଥିବା ଦୋକାନୀମାନେ ୧୫ ହଜାର ବଦଳରେ ୧୦ ହଜାର ଟଙ୍କା ଡିପୋଜିଟ କରିବାକୁ ଆଲୋଚନା ହୋଇଥିଲା। ଏହାସହ ପୂର୍ବରୁ ଏନ୍‌ଏସିର ପୁରୁଣା ମାର୍କେଟ କମ୍ପ୍ଲେକ୍ସ ଭଡ଼ା ୭୦୦ରୁ ୧୫ ଶହ ଟଙ୍କାକୁ ବୃଦ୍ଧି ହୋଇଥିଲା। ନୂଆ ଭେଣ୍ଡିଂ ଜୋନ ମାସିକ ୫ ଶହ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସହରର ଉନ୍ନତୀକରଣ କାର୍ଯ୍ୟ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତଥା ଦାମୋଦରପୁରଠାରେ ପଥରରେ ନିର୍ମିତ ଅଶୋକ ଚକ୍ର, ଶନି ମନ୍ଦିର ନିକଟରେ ଗଣେଶଙ୍କ ପ୍ରତିମୂର୍ତ୍ତି, ଭାରତୀ ବିଦ୍ୟାପୀଠ ସମ୍ମୁଖରେ ଆକର୍ଷଣୀୟ ୱାଟର ପାର୍କ, ତ୍ରିବେଣୀ ମଠ ଛକରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ହରିଣଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଆଲୋଚନା


କାଉନସିଲ ବୈଠକରେ ଆଲୋଚନା କରାଯାଉଛି ।

ହୋଇଥିଲା। ସହରର ମୁଖ୍ୟ ରାସ୍ତା ତଥା ବଜାରରେ ବୁଲା ଗୋରୁଙ୍କ ଉପଦ୍ରବରେ ସହରବାସୀ ଅତିଷ୍ଠ ହୋଇପଡୁଥିବା କାଉନସିଲର ଚନ୍ଦ୍ର ଶେଖର ରେଡ଼ି ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଇଓ ମିଶ୍ର ସୂଚନା ଦେଇଥିଲେ। ଏଥିସହ ବିଭିନ୍ନ ସାହିର ଫେବର ରୋଡ, ପୋଖରୀର ପୁନଃ ଉଦ୍ଧାର, ରାସ୍ତାଘାଟ, ସହର ସୌନ୍ଦର୍ଯ୍ୟକରଣ ଆଦି ଉପରେ ଆଲୋଚନା ହୋଇଥିଲା। ଏଥିରେ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାବତ, ସିଓ ସ୍ୱପ୍ନାରାଣୀ ମହାପାତ୍ର, ସିଏମ୍‌ଏମ୍ ଭାଗ୍ୟଶ୍ରୀ ନାୟକ, ଏନ୍‌ଏସି କର୍ମଚାରୀ କମଳାକାନ୍ତ ଦାସ, ସାନିଟେସନ ଏକ୍ସପର୍ଟ ସୁମିତ କୁମାର ବେହେରା, ୧୦ ନଂ ୱାର୍ଡ କାଉନସିଲର ସୁଜାତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କାଉନସିଲର ଉପସ୍ଥିତ ଥିଲେ।

# ୧୧ଦିନ ବିତିଲା, ତୁଟୁନାହିଁ ପାଣି ସମସ୍ୟା



ପ୍ରକଳ୍ପ ପାଖକୁ ଜଳଧାରା ପାଣିବାକୁ ଉଦ୍ୟମ ଚାଲିଛି ।

ନୟାଗଡ଼ ଅଫିସ,୨୨।୩

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ବଣବାଣପୁରଠାରେ ଥିବା ପାନୀୟଜଳ ପ୍ରକଳ୍ପର ପାଣି ପମ୍ପ ପାଖରେ ମହାନଦୀର ଜଳଧାର ଶୁଖିଯିବା ଓ ୨ଟି ପାଣିପମ୍ପ ଅଚଳ ହୋଇ ଯିବା ପରେ ନୟାଗଡ଼ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ପାଣିପମ୍ପ ଅଚଳ ହେଲେ ନୟାଗଡ଼ ସହରକୁ ପାନୀୟ ଜଳ ଯୋଗାଇବା ପାଇଁ ବିକଳ୍ପ ବ୍ୟବସ୍ଥା ନାହିଁ। କୋଲକତା ଅଥବା ପୁନେରୁ ପାର୍ଟସ ଆସିବା ଓ ବାହାରୁ କାରିଗର ଆସି ମରାମତି କରିବା ପରେ ପାଣିପମ୍ପ ସଚଳ ହୋଇଥାଏ । ଏପରି ଦୁଇଟି ସମସ୍ୟା ଯୋଗୁ ନୟାଗଡ଼ ସହରରେ ୧୧ ଦିନ ହେଲା ପାଣି ପାଇଁ ହାହାକାର ପଡ଼ିଛି । ୫ଦିନ ଭିତରେ ଗୋଟିଏ ପାଣିପମ୍ପ ମରାମତି ହେବା ଓ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ପରେ ମଧ ପାଣି ସମସ୍ୟା ଦୂର ହୋଇ ପାରିଲାନି। ସେହିପରି ପାଣିପମ୍ପ ପାଖରେ ମହାନଦୀର ଜଳସ୍ତର ଶୁଖି ଯାଇଛି । ସହରକୁ ପାଣି ଯୋଗାଇବାକୁ ହେଲେ ପାଣିପମ୍ପ ପାଖକୁ ମହାନଦୀର ଜଳଧାର ଆସିବା ଦରକାର । ଏଣୁ ମହାନଦୀ ଭିତରୁ ପାଣି ଏକ ଧାରରେ ଆଣିବା ପାଇଁ ଯନ୍ତ୍ର ବିନିଯୋଗ କରି ମହାନଦୀର ବାଲି ଖନନ ଚାଲିଛି । ପ୍ରାୟ ୨କିମି ଖନନ କରାଗଲେ ପାଣିପମ୍ପ ପାଖକୁ ମହାନଦୀର ଜଳ ଧାର ପହଞ୍ଚିବ । ପରେ ପାଣି ଯୋଗାଣ ହେବ। ଇତିମଧ୍ୟରେ ଅନ୍ୟ ପାଣିପମ୍ପଟି ସଚଳ ହୋଇ ଯାଇଛି। ପାଣିପମ୍ପ ପାଖରେ ଜଳଧାର ପହଞ୍ଚିବା ପରେ ସହରକୁ ପାଣି ଯୋଗାଣରେ ପରିସ୍ଥିତି ସୁଧୁରିବ ବୋଲି କୁହାଯାଉଛି ।

ସହରବାସୀଙ୍କ ଅଭିଯୋଗ ନୟାଗଡ଼ ଏନଏସି ମ୍ୟୁନିସିପାଲିଟି ହେଲା । ହେଲେ ଆସେ ଲୋକମାନେ ସାଧାରଣତଃ ଜାଣି ପାରି ନ ଥାନ୍ତି । ପାଣି ଯୋଗାଣର ସମୟ ନିର୍ଘଣ୍ଟ ନ ଥିବାରୁ ସହରବାସୀ ପାଣି ରଖିବା ଓ ସକାଳର ନିତ୍ୟକର୍ମ ପାଇଁ ହଟହଟା ହେଉଛନ୍ତି । ଏପରିକି ଦିନେ ଦିନେ ପାଣି ଆଦୌ ଆସୁନାହିଁ । ନୟାଗଡ଼ ସହରକୁ ମହାନଦୀରୁ ପାଣି ଆସୁଛି । ଖଣ୍ଡପଡ଼ାର ବଣବାଣପୁରଠାରେ ଥିବା ୩ଟି ପାଣିପମ୍ପ ଥିବାବେଳେ ଗୋଟିଏ ଖଣ୍ଡପଡ଼ା ସହର ଓ ୨ଟି ନୟାଗଡ଼ ସହର ପାଇଁ ଉର୍ଦ୍ଦିଷ୍ଟ ରହିଛି। ପାଣିପମ୍ପ ଅଚଳ ହେଲେ, ବିଦ୍ୟୁତ୍ ଲାଇନ କଟିଲେ କିମ୍ବା ତାର ଛିଣ୍ଡିଗଲେ ନୟାଗଡ ସହରରେ ପାଣି ସମସ୍ୟା ବଢ଼ି ଚାଲିଛି । ନୟାଗଡ଼ ସହରରୁ ପାନୀୟ ଜଳ ସମସ୍ୟା ହଟି ପାରିଲାନି । ସହରର ସବୁ ୱାର୍ଡରେ ପାଇପଲାଇନ୍ ନାହିଁ । ପୁରୁଣା ଏନଏସି ଅଞ୍ଚଳରେ ଥିବା ପାଇପ ଲାଇନ୍‌ରେ ଦିନକୁ ଥରେ ଅର୍ଥାତ୍ ପୂର୍ବାହ୍ନରେ ପାଣି ଆସିଥାଏ। ଏହି ପାଣି କେତେବେଳେ

## ୨୦୨୪ ଖରାକୁ ଅପେକ୍ଷା

ନୟାଗଡ଼ ଜନସ୍ୱାସ୍ଥ୍ୟ ସବ୍‌ଡିଭିଜନ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ମହାନଦୀରୁ ଜଳଯୋଗାଣ ପରେ ପାନୀୟ ଜଳକଷ୍ଟ ସମସ୍ୟାରେ ସୁଧାର ଆସିଛି । ହେଲେ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଣ ହୋଇ ପାରୁନି । ସହରର ପରିସୀମା ବଢ଼ିଛି। ଏନଏସିରୁ ମ୍ୟୁନିସିପାଲିଟି ହୋଇଛି । ଉପଭୋକ୍ତା ବଢ଼ିଛନ୍ତି । ହେଲେ ପ୍ରକଳ୍ପ ବଦଳିନି । ନୂଆ ପ୍ରକଳ୍ପ ୫୨ କୋଟି ଟଙ୍କାର କାମ ଚାଲିଛି। ସହରକୁ ପାଣି ଯୋଗାଣ ପାଇଁ ୩ଟି ଜୋନରୁ ୯ଟି ଜୋନ୍ କରାଯାଇଛି । ପାଣି ନ ଆସିଲେ ଗୋଟିଏ ଦିନ ପାଇଁ ପାଣି ଗଚ୍ଛିତ ରଖାଯିବାର ବ୍ୟବସ୍ଥା ହୋଇଛି । ସବୁ ଅଞ୍ଚଳରେ ପାଇପ୍ ଲାଇନ ପଡିବ। ସବୁ ଲୋକେ ପାଣି ପାଇ ପାଇବେ । ତେବେ ୨୦୨୪ ଗ୍ରୀଷ୍ମଋତୁ ପୂର୍ବରୁ ନୂଆ ପ୍ରକଳ୍ପ କାମ ଶେଷ ହେବନି । କାମ ଯେତେ ଯୁଦ୍ଧକାଳୀନ ଭିତ୍ତିରେ ହେଲେ ମଧ୍ୟ ଚଳିତ ବର୍ଷ ପାଣି ଯୋଗାଣ ହୋଇ ପାରିନି। ୨୦୨୪ରେ ନୂଆ ପ୍ରକଳ୍ପରୁ ପାନୀୟ ଜଳ ମିଳିବ । ଅନ୍ୟପକ୍ଷେ ମହାନଦୀର ଜଳଧାର ଶୁଖିଯିବା, ୨ଟି ପାଣିପମ୍ପ ଅଚଳ ହେବା, କାଳ ବୈଶାଖୀ ଯୋଗୁ ବାରମ୍ବାର ବିଦ୍ୟୁତ୍ କାଟ, ତାର ଛିଣ୍ଡିବା ନୟାଗଡ଼ରେ ପାଣି ସମସ୍ୟା ସୃଷ୍ଟି କରିଛି । ମହାନଦୀରୁ ଜଳଧାର ଖୋଳା ଚାଲିଛି । ୨ଟି ପାଣିପମ୍ପ ମରାମତି ହୋଇ ସାରିଲାଣି । ପ୍ରକଳ୍ପ ଯୋଗେ ବୁଧବାରଠାରୁ ପୁଣି ପାଣି ଯୋଗାଣ ପାଇଁ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସେ କହିଛନ୍ତି।

## ମୋଟର ନ ଲଗାଇଲେ ପାଣି ଆସୁନି

ନୟାଗଡ଼ ସହର ପାଇଁ ୩.୦୪ ମିଲିୟନ ଲିଟର (୩୦ ଲକ୍ଷ ୪ ଲିଟର) ପାଣିର ଆବଶ୍ୟକତା ରହିଛି । ହେଲେ୨୭ ଲକ୍ଷ ଲିଟର ପାନୀୟ ଜଳ ପାଇପ ଯୋଗେ ଯୋଗାଣ ହେଉଛି। ଦିନକୁ ଥରେ ଯୋଗାଣ ହେଉଥିବା ପାଣି ସମସ୍ତଙ୍କ ଘରେ ପହଞ୍ଚୁନି। ଉପର ମୁଣ୍ଡରେ ଥିବା ପରିବାର ମୋଟର ଲଗାଇ ପାଣିକୁ ହାଇଜାକ୍ କରି ନେଉଛନ୍ତି। ବୁଝିବାରେ ଜଣାପଡିଛି ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଘରେ ମୋଟର ଲଗା ଯାଇଛି। ଆବଶ୍ୟକତାଠାରୁ ଅଧିକ ପାଣି ସ୍ୱଳ୍ପ ସମୟ ମଧ୍ୟରେ ସଂଗ୍ରହ କରାଯାଇ ଷ୍ଟକ କରି ରଖୁଛନ୍ତି । ପୁଣି ପାଣିକୁ ବିଭିନ୍ନ ସମୟରେ ଅପଚୟ କରୁଥିବା ଦେଖାଯାଉଛି । ଏଣୁ ମୋଟର ଲଗାଇ ନ ଥିବା ଗ୍ରାହକମାନେ ପାଣି ନ ପାଇ ହଟହଟା ହେଉଛନ୍ତି । ବେଆଇନ ମୋଟର ବ୍ୟବହାର ନେଇ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ନାହିଁ କି ଚଢ଼ାଉ ନାହିଁ । ଏଣୁ ସହରରେ କୃତ୍ରିମ ପାନୀୟ ଜଳ ସଙ୍କଟ ଦେଖା ଦେଇଛି ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବ୍ରଜବନ୍ଧୁ


@ ରଞ୍ଜିତ୍


@ ଶିବଶଙ୍କର


@ ସୁଦର୍ଶନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଏପ୍ରିଲ ୧ରୁ ନୂଆଗାଁରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

ନୂଆଗାଁ,୨୨।୩(ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ତହସିଲ କାର୍ଯ୍ୟାଳୟ ପରିସରରେ ଏପ୍ରିଲ ୧ରୁ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ଖୋଲିବ ବୋଲି ନୂଆଗାଁ ତହସିଲଦାର ସୂଚନା ଦେଇଛନ୍ତି । ନୂଆଗାଁ ବ୍ଲକରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ତେବେ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜାଗା ଚୂଡ଼ାନ୍ତ ହୋଇ ନ ଥିବାରୁ ଏଥିରେ ବିଳମ୍ବ ଘଟିଛି। ତେଣୁ ବର୍ତ୍ତମାନ ତହସିଲ କାର୍ଯ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟାଳୟ ଖୋଲିବା ପାଇଁ ସ୍ଥିର କରାଯାଇଛି । ସବ୍‌ରେଜିଷ୍ଟରର କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ନ ହେବା ଯାଏ ତହସିଲ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟରର ସମସ୍ତ କାମ ହେବ ବୋଲି ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ସୂଚନା ଦେଇଛନ୍ତି । ସେଥିପାଇଁ ନୟାଗଡ଼ ଜିଲା ସବ୍‌ରେଜିଷ୍ଟର ଅଫିସରୁ କର୍ମଚାରୀମାନେ ଆସି ବିଭାଗୀୟ କାର୍ଯ୍ୟ ତଦାରଖ କରୁଛନ୍ତି ବୋଲି ସେ କହିଛନ୍ତି ।

### ଶିକ୍ଷାବିତ୍ ଉପେନ୍ଦ୍ର ଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

ଖଣ୍ଡପଡ଼ା,୨୨।୩(ସ୍ୱ.ପ୍ର.): ଖଣ୍ଡପଡ଼ା ବଜାର ସାହିର ବିଶିଷ୍ଟ ଶିକ୍ଷାବିତ୍ ତଥା ଖଣ୍ଡପଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଉପେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ (୮୫) ଙ୍କ ବୁଧବାର ପରଲୋକ ହୋଇ ଯାଇଛି। ସେ ବହୁଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ତାଙ୍କ ବିୟୋଗରେ ଖଣ୍ଡପଡ଼ା ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ଖଣ୍ଡପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବା ସମୟରେ ସେ ଅନୁଷ୍ଠାନର ବହୁ ଉନ୍ନୟନ ମୂଳକ କାମ କରିଥିଲେ । ତାଙ୍କ ଶିକ୍ଷାଦାନ ଶୈଳୀ, ସମୟାନୁବର୍ତ୍ତିତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି । ତାଙ୍କ ବିୟୋଗରେ ପୁରାତନ ଛାତ୍ରୀମାନେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ଦେବାଶିଷ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ ।



## 'ମଦ ମଣିଷ' ପୁସ୍ତକ ଉନ୍ମୋଚିତ

### ନୟାଗଡ଼ ଦର୍ପଣର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୨୨।୩

ନୟାଗଡ଼ ଦର୍ପଣ ପବ୍ଲିକେଶନର ନୂତନ କାର୍ଯ୍ୟାଳୟ ମଙ୍ଗଳବାର ଦର୍ପଣ କ୍ୟାମ୍ପସରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଖବର କାଗଜ ଓ ନ୍ୟୁଜ ପୋର୍ଟାଲ ନୟାଗଡ଼ ଦର୍ପଣର ପ୍ରତିଷ୍ଠାତା ଗୀତିକଳ୍ପ ହରିଶ ପ୍ରଧାନଙ୍କ ଲିଖିତ ପୁସ୍ତକ 'ମଦ ମଣିଷ' ଉନ୍ମୋଚିତ ହୋଇଥିଲା। ନୟାଗଡ଼ର ବିଶିଷ୍ଟ ନାଟ୍ୟକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ର ଯୋଗଦାନ କରି କାର୍ଯ୍ୟାଳୟ ଏବଂ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଗୋଦାବରୀଶ ମିଶ୍ର, ନିର୍ମଳ ଶୁରଦେଓ, ପ୍ରାଧ୍ୟାପକ ଉମେଶ ମହାପାତ୍ର, ବସିରନ ବିବି, ସୁକାନ୍ତି ମହାନ୍ତି, ପ୍ରଭାସିନୀ ବରାଡ଼, ସାମାଜିକ କର୍ମୀ ଦାମୋଦର ସାହୁ, ଏମ. ଔରଙ୍ଗଜେବ, ପ୍ରହ୍ଲାଦ ପ୍ରଧାନ, ଧିରେନ୍ଦ୍ର ପଟ୍ଟନାୟକ, କାଞ୍ଚ ସ୍ଥିତପ୍ରଜ୍ଞ, ଅନୱର ଅଲ୍ଲୀ, ଖବରଦାତା ପ୍ରଶାନ୍ତ ଜେନା ଓ ରିତେନ୍ଦ୍ର ଛାଟୋଇ, ଲକ୍ଷ୍ମୀଧର ସାହୁ, ଗୋକୁଳ ଷଡ଼ଙ୍ଗୀ, ଜୟେନ୍ଦ୍ର ବେହେରା, ପ୍ରଭାତ ମହାପାତ୍ର, ପ୍ରଦୀପ୍ତ ରଥ, ବିଶ୍ୱଭୂଷଣ ମହାପାତ୍ର, ଜୟନ୍ତ ମିଶ୍ର, ବିକ୍ରମ ନାୟକ, କାହ୍ନା ସ୍ୱାଇଁ, ସରୋଜ କୁମାର ସାହୁ, ମଦନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ମିଡ଼ିଆ ହାଉସର ପରିଚାଳକ ହରିଶ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାହିତ୍ୟିକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୟାଗଡ଼ ଦର୍ପଣର ଜିଲା ପ୍ରତିନିଧି ଯଯାତି କେଶରୀ ମହାପାତ୍ର ସହଯୋଗ କରିଥିଲେ ।


ମଦ ମଣିଷ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ଗୁଣ୍ଠୁଣୀ ସମବାୟ ସମିତି ପକ୍ଷରୁ ଋଣ ସଚେତନତା କର୍ମଶାଳା

ଖଣ୍ଡପଡ଼ା,୨୨।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଠୁଣି ସେବା ସମବାୟ ସମିତି ପକ୍ଷରୁ ବୁଧବାର ଋଣ ସଚେତନତା ଓ ବ୍ୟାଙ୍କ ସେବା ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତିର ସମ୍ପାଦକ ବିଶ୍ୱନାଥ ନାୟକଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତିମା ପରିଡା ଓ ସମିତି ସଭ୍ୟ ସୁଲୋଚନା ଦାସ, ସମବାୟ ସମିତିର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସୁପରଭାଇଜର ମୁରଲୀଧର ଶତ୍ରୁଜିତ, ଖଣ୍ଡପଡା ବ୍ୟାଙ୍କ ଶାଖା ପରିଚାଳିକା ସୁଶ୍ରୀ ସଙ୍ଗୀତା ବେହେରା ପ୍ରମୁଖ ଯୋଗ ଦେଇ କର୍ମଶାଳା ଆୟୋଜନର ମହତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁଣ୍ଠୁଣି ଅଞ୍ଚଳର ସମସ୍ତ କୃଷକ ସମବାୟ ସମିତିରେ ନାମ ପଞ୍ଜୀକରଣ କରି ରାଜ୍ୟ ସରକାର ଲାଗୁ କରିଥିବା ଯୋଜନାରୁ ଲାଭ ଉଠାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।

## ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ଦଶପଲ୍ଲା,୨୨।୩(ଡି.ଏନ.ଏ.)

ବୁଧବାର ୩ ଦଫା ଦାବି ନେଇ ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡ଼ିଓ ସଞ୍ଜୟ କୁମାର ମିଶ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଗ୍ରାମାଞ୍ଚଳରେ ଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ । ଅଚଳ ନଳକୂପ ସଚଳ କରିବା, ପାଣି ମିଳୁ ନ ଥିବା ଅଞ୍ଚଳକୁ ଚିହ୍ନଟ କରାଯାଇ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଣ, ଦୂଷିତ ପାଣି ବାହାରୁଥିବା ନଳକୂପରେ ୱାଟରଫିଲଟର ବ୍ୟବହାର କରିବା ଆଦି ଦାବି କରାଯାଇଛି । ମହିଳା ଜୀବିକା ସୁରକ୍ଷା ମଞ୍ଚ ବ୍ଲକ ସଂଯୋଜକ କୁନାକାନ୍ତ ବେହେରାଙ୍କ ନେତୃତ୍ୱରେ ମହିଳା ଜୀବିକା ସୁରକ୍ଷା ମଞ୍ଚର ସମସ୍ତ ସଭ୍ୟ ଏକତ୍ରିତ ହୋଇ ଦଶପଲ୍ଲା ବ୍ଲକ ଠାରେ ପହଞ୍ଚି ଏହି ଦାବି ପତ୍ର ପ୍ରଦାନ କରିଥିଲେ ।

## ବିଶ୍ୱ କବିତା ଦିବସ ପାଳିତ

ନୟାଗଡ଼ ଅଫିସ,୨୨।୩

ବିଶ୍ୱ କବିତା ଦିବସ ପାଳନ ଅବସରରେ ଏକ ସାହିତ୍ୟ ଆଲୋଚନା ଏବଂ କବିତା ପାଠ କାର୍ଯ୍ୟକ୍ରମ ନୟାଗଡ଼ ବ୍ଲକର ଇଟାମାଟିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଜିଲା ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର, କବି ନିର୍ମଳ ଶୁରଦେଓ, ଶିଶୁ କବୟିତ୍ରୀ ବସିରନ ବିବି,ଗୋଦାବରୀଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବରିଷ୍ଠ କବି ତଥା ଶିକ୍ଷାବିତ୍ ପଣ୍ଡିତ ଚନ୍ଦ୍ରମଣି ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଜିଲା ଲେଖକ ପରିଷଦ ସମ୍ପାଦକ ଶେଖ ଅବଦୁଲ ଖାଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବୟିତ୍ରୀ ନିଳିମା ନନ୍ଦଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । କବୟିତ୍ରୀ ସୁକାନ୍ତି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଏବଂ କବିମାନେ ଯୋଗଦାନ କରିଥିଲେ ।



କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥି ।

## ହିନ୍ଦୁ ନବବର୍ଷରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା

ଖଣ୍ଡପଡ଼ା,୨୨।୩(ସ୍ୱ.ପ୍ର.)

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ଅବସରରେ ଖଣ୍ଡପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସହରବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଛାତ୍ରୀଛାତ୍ରମାନେ ଏକ ନିଆରା ଢଙ୍ଗରେ ହିନ୍ଦୁ ନବବର୍ଷ ପାଳନ କରିଥିଲେ । ହିନ୍ଦୁ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ସହ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଶୋଭଯାତ୍ରାର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ପ୍ରଧାନ ଗୁରୁଜୀ ଶଙ୍କର୍ଷଣ ସାହୁ, ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର କାଟିଆଙ୍କ ସମେତ ଗୁରୁଜୀ, ଗୁରୁମାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



ଆରଏସ୍‌ଏସ୍ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଦଶପଲ୍ଲା,୨୨।୩(ଡି.ଏନ.ଏ.)

ବୁଧବାର ଦଶପଲ୍ଲାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନ ବର୍ଷ ପାଳନ କରାଯାଇଥିଲା । ଏହି ଉପଲକ୍ଷେ ଆରଏସ୍‌ଏସ୍ କର୍ମୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ । ଶୋଭାଯାତ୍ରା ଗାନ୍ଧୀ ମଇଦାନ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା । ହିନ୍ଦୁ ନ ବର୍ଷ ପାଳନ ଉପରେ ବକ୍ତାମାନେ ଉଦ୍‌ବୋଧନ ଦେଇଥିଲେ । ଆରଏସ୍‌ଏସ୍‌ର ଦଶପଲ୍ଲା ବ୍ଲକ ସଭାପତି ସରୋଜ କୁମାର ମିଶ୍ର, ଜିଲା କାର୍ଯ୍ୟକର୍ତ୍ତା ମାନସ ସାହୁ, ରଶ୍ମୀ ରଞ୍ଜନ ପ୍ରଧାନ, କିଶୋର ଦଳବେହେରା ସମେତ ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରିଥିଲେ ।

